READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଜାତୀୟ ସାହସିକତା ପୁରସ୍କାର ତାଲିକାରେ ଓଡ଼ିଶାର ୪ ଜଣ ପିଲା। ସେମାନେ ହେଲେ ସିତୁ ମଲ୍ଲିକ୍, ଝିଲି ବାଗ୍, ରଞ୍ଜିତା ମାଝି ଓ ବିଶ୍ୱଜିତ୍ ପୁହାଣ।

ବର୍ଷ-୩ ସଂଖ୍ୟା-୦୨ ୨୧ - ୨୭ ଜାନୁଆରୀ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-02 21st - 27th JANUARY, 2019 BHUBANESWAR ₹ 5/- (8 Pages)

# କିଏ କହୁଛି ସତ, କେନ୍ଦ୍ର ନା' ରାଜ୍ୟ



**ଭୁବନେଶ୍ୱର, (ତାରକ ମହାନ୍ତି) :** କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଓଡ଼ିଶାକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି ବୋଲି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ କହିଥିଲେ। ଏଥିସହିତ ପୂର୍ବ ଭାରତର ବିକାଶ ସହିତ ଓଡ଼ିଶାର ବିକାଶକୁ ପ୍ରାଧାନ୍ୟ ଦେଉଥିବା ସମ୍ପର୍କରେ ମଧ୍ୟ ସୂଚିତ କରି କହିଥିଲେ ଯେ, ବିଗତ ଦିନରେ କେନ୍ଦ୍ରରେ ଥିବା ସରକାରଠାରୁ ବର୍ତ୍ତମାନର କେନ୍ଦ୍ର ସରକାର ଓଡ଼ିଶାକୁ ଅଧିକ ୫ଗୁଣା ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି। ରାଜ୍ୟ ସରକାର ଏହାକୁ ଖର୍ଚ୍ଚ କରିପାରୁ ନାହାନ୍ତି। ବିଗତ ଏକମାସ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାକୁ ୨୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶାରେ ପର୍ଯ୍ୟଟନର ବିକାଶ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରତି ବର୍ତ୍ତମାନର କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରାଚୀନ କିର୍ତ୍ତିରାଜୀର ସୁରକ୍ଷା କରିବା ସହିତ ବିକାଶ କ୍ଷେତ୍ରରେ ପଛରେ ପଡିଯାଇଥିବା ପୂର୍ବୋଦୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ହେଉଛି ପୂର୍ବୋଦୟର ଏକ ପ୍ରମୁଖ କେନ୍ଦ୍ର। ତେଣୁ ଏହି ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ସମସ୍ତ କ୍ଷେତ୍ରରେ କାମ କରୁଛନ୍ତି ବୋଲି କହିଥିଲେ ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟକୁ ନେଇ ଶାସକ ବିଜେଡି ନିଜ ପ୍ରତିକ୍ରିୟାରେ କହିଛି ଯେ, ଓଡ଼ିଶା ସରକାରଙ୍କ ଆର୍ଥିକ ଦାବି ଯଥାର୍ଥ ଭାବରେ କେନ୍ଦ୍ରରୁ ମିଳୁନାହିଁ। ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା କହିଛନ୍ତି ଗାଁ କୁ ଯାଇନଥିବା ଲୋକ ବିକାଶ ହୋଇନଥିବା କଥା କହୁଛନ୍ତି। ଡିଏମ୍‌ଏଫ୍ ପାଣ୍ଠି କ୍ଷେତ୍ରରେ ଅନେକ ସମସ୍ୟା ରହିଛି। ସେହିଭଳି ଜନଜାତି ଓ କଲ୍ୟାଣ ମନ୍ତ୍ରୀ ରମେଶ ମାଝୀ କହିଛନ୍ତି, ୨୦୧୩-୧୪ରୁ କେନ୍ଦ୍ର ସରକାର ଅର୍ଥ ଦେବା କମାଇ ଦେଇଛନ୍ତି। ଆଦିବାସୀମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର ନିଜସ୍ୱ ବ୍ୟୟ ବରାଦ କରୁଛନ୍ତି। ମୋଦି ରାଜ୍ୟ ସରକାର ଶୋଇ ପଡିଛନ୍ତି ବୋଲି ସମାଲୋଚନା କରିଥିବା ବେଳେ ପ୍ରଧାନମନ୍ତ୍ରୀ ମିଛ କଥା କହୁଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ମାଝୀ। ହେଲେ ସାଧାରଣ ଭାବେ ଦେଖିଲେ ରାଜ୍ୟର ବିଭିନ୍ନ ସମସ୍ୟା ବୁଝିବା ଓ ଏହାର ନିରାକରଣ କରିବା କେନ୍ଦ୍ରର ଦାୟିତ୍ୱ। କିନ୍ତୁ ପ୍ରକୃତରେ ଓଡ଼ିଶା କ'ଣ କେନ୍ଦ୍ରୀୟ ଅବହେଳା ଯୋଗୁ ପଛରେ ପଡିଛି ?

ସୂଚନାଥାଉ କି, ସ୍ୱାଧୀନତା ପରଠାରୁ ରାଜନୀତି ପଶାପାଲିରେ ଓଡ଼ିଶାର ଭାଗ୍ୟକୁ ନେଇ ଏମିତି ଅନେକ ଖେଳ ଖେଳାଯାଇଛି। ଖଣିଜ ସମ୍ପଦ ଭରା ଏହି ରାଜ୍ୟର ଭୌଗଳିକ ମାନଚିତ୍ର ଓ ଜନଜୀବନ ଖୁବ୍ ଭଲ। ନଦ, ନଦୀ, ପାହାଡ ଓ ଝରଣାରେ ପରିପୂର୍ଣ୍ଣ ଏ ରାଜ୍ୟ ଦେଶର ସର୍ବୋତ୍ତମ ରାଜ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମର ସାଂସ୍କୃତିକ ବିଭବ, ଚଳଣୀ, ତୀର୍ଥକ୍ଷେତ୍ର, ପର୍ଯ୍ୟଟନ ସ୍ଥଳୀ ଅତ୍ୟନ୍ତ ନମନୀୟ କମନୀୟ ଓ ସ୍ୱତନ୍ତ୍ର। ହେଲେ ଏ ରାଜ୍ୟକୁ ଯେଉଁମାନେ ଶାସନ ➤ ପୃ-୬

## ମାର୍ଚ୍ଚ ପ୍ରଥମ ସପ୍ତାହରେ ବାଜିପାରେ

# ଲୋକସଭା ନିର୍ବାଚନ ବିଗୁଲ୍

**ନୂଆଦିଲ୍ଲୀ :** ନିର୍ବାଚନ ଆୟୋଗ (ଇସି) ପକ୍ଷରୁ ଆଗାମୀ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି। ବର୍ତ୍ତମାନ ପରିସ୍ଥିତିରେ ସାରା ଦେଶ ଏହି ଲୋକସଭା ନିର୍ବାଚନ ଉପରେ ନଜର ରଖିଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ଲୋକସଭା ନିର୍ବାଚନ ବିଗୁଲ୍ ବାଜିବ ବୋଲି ସମ୍ଭାବନା ଦେଖାଦେଇଛି। ଏଥିସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକ୍କିମ୍ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ତାରିଖ ଘୋଷଣା ହେବ। ସୂଚନାଥାଉ କି, ଚଳିତ ଲୋକସଭାର କାର୍ଯ୍ୟକାଳ ଜୁନ୍ ୩ରେ ଶେଷ ହେବ। ତେଣୁ କେଉଁ ମାସରେ ନିର୍ବାଚନ କରାଯିବ ଏବଂ କେତୋଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ, ସେ ସମ୍ପର୍କରେ ନିର୍ବାଚନ ଆୟୋଗ ବିଚାର ବିମର୍ଷ ଚଳାଇଛନ୍ତି। ତେବେ ଇସିର ଜଣେ ମୁଖପାତ୍ର କହିଛନ୍ତି, ନିର୍ବାଚନ ତାରିଖ କେବେ ଘୋଷଣା କରାଯିବ, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଦେଶରେ




ସାଧାରଣ ନିର୍ବାଚନ ଏକ ବିରାଟ ପ୍ରକ୍ରିୟା ହୋଇଥିବାରୁ ଏଥିପାଇଁ ସୁରକ୍ଷା କର୍ମୀ ଓ ଅନ୍ୟାନ୍ୟ ଆବଶ୍ୟକତାଗୁଡ଼ିକୁ ନଜରରେ ରଖି ଭୋଟ୍ ଗ୍ରହଣ ତାରିଖ ଘୋଷଣା କରାଯିବ। ଏହାଛଡ଼ା ସାଧାରଣ ନିର୍ବାଚନ ସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ୍ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ କରାଯିବାକୁ ଚିନ୍ତା କରାଯାଉଛି। ଜମ୍ମୁ-କଶ୍ମୀର ବିଧାନସଭାକୁ ଭାଙ୍ଗି ଦିଆଯାଇ ଥିବାରୁ ୬ ମାସ ମଧ୍ୟରେ ନିର୍ବାଚନ କମିଶନଙ୍କୁ ରାଜ୍ୟରେ ନିର୍ବାଚନ କରିବାକୁ ପଡ଼ିବ। ୨୦୧୮ ନଭେମ୍ବରରେ ଏହି ➤ ପୃ-୬

# ଆରାମଦାୟକ ବସ୍ ଯାତ୍ରା ଆରମ୍ଭ



**ଭୁବନେଶ୍ୱର :** ରାଜଧାନୀରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଗଡ଼ିଲା ଆରାମଦାୟକ ବସ୍ ରାଜଧାନୀ ଏକ୍ସପ୍ରେସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୩ଟି ଡିଲକ୍ସ ଏକ୍ସପ୍ରେସ୍ ଓ ୪ଟି ଭଲଭୋ ବସ୍ ସେବା ଆରମ୍ଭ ହୋଇଛି। ମୋଟ ୨୭ଟି ଯାକ ବସ୍ ୧୬କୋଟି ଟଙ୍କା ବ୍ୟୟରେ କ୍ରୟକରାଯାଇଛି। ଓଡ଼ିଶା ସଡ଼କ ପରିବହନ ନିଗମ ଦ୍ୱାରା ରାଜ୍ୟବାସୀଙ୍କ ପାଇଁ ଭୁବନେଶ୍ୱରଠାରୁ ବିଭିନ୍ନ ଜିଲ୍ଲାକୁ ଆରାମ୍‌ଦାୟକ ଯାତ୍ରା ପାଇଁ ଏହି ବସ୍ ସେବା ଆରମ୍ଭ କରାଯାଇଛି। ଏଥିମଧ୍ୟରୁ ୨୩ଟି ବସ୍ ରାଜ୍ୟ ଭିତରେ ଏବଂ ୪ଟି ଭଲଭୋ ବସ୍ ରାଜ୍ୟ ବାହାରକୁ ଯାତ୍ରା କରିବ। ➤ ପୃ-୬

# ମାସକୁ କ୍ଷତି ୨ଶହ ଟନ୍ ଚାଉଳ

**ଭୁବନେଶ୍ୱର :** ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ମୋଟ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ଯୋଗୁ କେନ୍ଦ୍ର ସରକାର ଓଡ଼ିଶାକୁ ଦେଉଥିବା ଚାଉଳ ବାବଦରେ ପ୍ରତି ମାସରେ ୨ଶହ ମେଟ୍ରିକ୍ ଟନ୍ ରିହାତି ଦରର ଚାଉଳ ହରାଇବାକୁ ପଡୁଛି। କେନ୍ଦ୍ର ସ୍ତରରେ

## ୪ ଲକ୍ଷ ହିତାଧିକାରୀ ବାଦ୍

ଏଭଳି ଆଇନ୍ ଲାଗୁ ହେବାପରେ ରାଜ୍ୟ ସରକାର ଗତ ୨୦୧୫ ମସିହାରେ ଏହାକୁ ଓଡ଼ିଶାରେ ଲାଗୁ କରାଇବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରି ହିତାଧିକାରୀ ଚିହ୍ନଟ କରିଥିଲେ। ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ରାଜ୍ୟରେ ୩କୋଟି ୨୬ଲକ୍ଷ ଲୋକଙ୍କୁ ଏଥିରେ ସାମିଲ କରିବା ଲାଗି ନିୟମାବଳୀ ଜାରି କରାଯାଇଥିଲା। ହେଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ୯ଟି



ନିୟମରେ ହିତାଧିକାରୀ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଓଡ଼ିଶାରେ ଅଧିକ ୩୪ଲକ୍ଷ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଇବା ଲାଗି ସରକାର ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ସରିବା ପରେ ରାଜ୍ୟରେ ୩କୋଟି ୨୨ଲକ୍ଷ ୪୨ହଜାର ୫୭ଜଣ ସାମିଲ ହେବା ନେଇ କୁହାଗଲା। ଏଥିରେ ପରିବାରର ୫ଜଣଙ୍କୁ ସାମିଲ କରାଗଲା। ସେହି ଅନୁସାରେ ରିହାତି ଦରରେ ହିତାଧିକାରୀଙ୍କ ପିଛା ୫କିଲୋଗ୍ରାମ୍ ଚାଉଳ ଆସିଲା। କିନ୍ତୁ ପରବର୍ତ୍ତୀ ସମୟରେ ପାଖାପାଖି ୪ଲକ୍ଷ ଲୋକ ବାଦ୍ ପଡ଼ିଲେ। ଫଳରେ ଏମାନଙ୍କ ବାବଦକୁ ଆସିବାକୁ ଥିବା ଚାଉଳ ଆସୁନାହିଁ। ଯେଉଁଥିପାଇଁ କେନ୍ଦ୍ରୀୟ କୋଟାରୁ ପ୍ରତିମାସ ଓଡ଼ିଶାକୁ ୨ଶହ ମେଟ୍ରିକ୍ ଟନ୍ ଚାଉଳ ହରାଇବାକୁ ପଡୁଛି। ଗତ ୨୦୧୮ ମସିହା ଅକ୍ଟୋବର ୨ତାରିଖରୁ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ଯୋଜନା ଆରମ୍ଭ କଲେ। ଏଥିରେ କେନ୍ଦ୍ର ୯ଟି ନିୟମ ସହ ଆଉ ଦୁଇଟି ନିୟମ ଲାଗୁକଲେ। ଯେଉଁଥିରେ ଏଡ୍‌ସ ରୋଗୀ, ବିସ୍ଥାପିତମାନଙ୍କୁ ସାମିଲ କରିବାକୁ ନିୟମ ରଖାଗଲା। ରାଜ୍ୟ ସରକାର କରିଥିବା ଯୋଜନା ଅନୁସାରେ ପରିବାରର ଜଣକୁ ଏଥିରେ ସାମିଲ କରାଯାଉଛି। ରାଜ୍ୟ ସରକାର ଏହି ଯୋଜନାର ଅଧିକ ୨୫ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ➤ ପୃ-୬

## ନିର୍ବାଚନ ପାଇଁ ବିଜେପିର ରଣନୀତି ପ୍ରସ୍ତୁତ

# ଅପରାଜିତାଙ୍କୁ ନୂଆ ଦାୟିତ୍ୱ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ଯେତେ ଯେତେ ପାଖେଇ ଆସୁଛି ସେତକି ସେତକି ତତ୍ପର ହୋଉଠୁଛି ରାଜ୍ୟ ବିଜେପି। ଏଥିପାଇଁ ଦଳ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଦଳର ବରିଷ୍ଠ ନେତାମାନଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ହସ୍ତାନ୍ତର କରାଯାଇଛି। ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନରେ ପାର୍ଟିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଅଧିକ ଚଳଚଞ୍ଚଳ କରିବା ପାଇଁ ଦଳର ବରିଷ୍ଠ ନେତାଙ୍କୁ ନୂତନ ଦାୟିତ୍ୱ ଦିଅଯାଇଛି। ଦଳୀୟ ଆଭିମୁଖ୍ୟକୁ ଅଧିକ ଲୋକାଭିମୁଖୀକରିବା ପାଇଁ ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ଶ୍ରୀମତୀ ଷଡ଼ଙ୍ଗୀଙ୍କୁ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ଲାଭାର୍ଥୀ ସମ୍ପର୍କ ବିଭାଗର ମୁଖ୍ୟ ଭାବେ ଘୋଷଣା କରାଯାଇଛି। ସେହିପରି ଆଇନ ଓ ସୂଚନା ଅଧିକାର ସେବାର ମୁଖ୍ୟ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ ପୀତାମ୍ବର ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ଯଥାକ୍ରମେ ➤ ପୃ-୬

## ଲୋକପାଳ ନିଯୁକ୍ତି ନେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ଫେବୃଆରୀ ସୁଦ୍ଧା ନାମ ପଠାଅ

**ନୂଆଦିଲ୍ଲୀ :** ଫେବୃଆରୀ ସୁଦ୍ଧା ଲୋକପାଳ ନିଯୁକ୍ତି ଲାଗି ନାମ ସୁପାରିସ କରିବା ନିମନ୍ତେ ସୁପ୍ରିମକୋର୍ଟ ଚୟନ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସ୍ୱେଚ୍ଛାସେବୀ ସଂଗଠନ କମନ୍‌କଜ୍ ପକ୍ଷରୁ ଓକିଲାତି କରୁଥିବା ପ୍ରଶାନ୍ତ ଭୂଷଣଙ୍କ ପରାମର୍ଶ ନେଇ ଏହି ସମୟସୀମା ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ୍ ଗୋଗୋଇ ଆଡ୍‌ଭୋକେଟ୍ ପ୍ରଶାନ୍ତ ଭୂଷଣଙ୍କୁ



କହିଛନ୍ତି, ଏହାକୁ ନକାରାତ୍ମକ ଦୃଷ୍ଟିରେ ନ ନେଇ ସକାରାତ୍ମକ ଭାବରେ ଗ୍ରହଣ କରିବା ଦରକାର। ଏଥିପୂର୍ବରୁ ପ୍ରଶାନ୍ତ ଭୂଷଣ ଲୋକପାଳ ଚୟନ ପ୍ରକ୍ରିୟାରେ ସନ୍ଦେହ ପ୍ରକାଶ କରିଥିବାରୁ ଖଣ୍ଡପୀଠ ଏଭଳି ମନ୍ତବ୍ୟ ଦେଇଥିଲେ। ତଥାପି ପ୍ରଶାନ୍ତ ଭୂଷଣଙ୍କ ସନ୍ଦେହ ମୋଚନ ହୋଇନଥିଲା। ସେ କହିଥିଲେ, କ'ଣ ସବୁ ଘଟୁଛି, ତାହା ବୁଝା ପଡୁନାହିଁ। ଏହି ଅବସରରେ ପ୍ରଧାନ ବିଚାରପତି କହିଥିଲେ, ଆପଣ ସବୁକିଛି ଜାଣନ୍ତି। ➤ ପୃ-୬


# ଏବେ ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର :** ଏବେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପରିଧି ବୃଦ୍ଧି କରିଛନ୍ତି। ଏଣିକି ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଏହି ଯୋଜନାରେ ସମସ୍ତଙ୍କୁ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଉଭୟ ବିପିଏଲ୍ ଓ ଏପିଏଲ୍ ଶ୍ରେଣୀର ଲୋକ ବି ଏଥିରେ ଉପକୃତ ହେବ। ଏନେଇ ରାଜ୍ୟ ବଜେଟରେ ଅତିରିକ୍ତ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବ। ଏହି ନିଷ୍ପତ୍ତିକୁ ଆଗାମୀ ଫେବୃଆରୀ ପହିଲାଠାରୁ




କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ➤ ପୃ-୬

## ବକ୍ରବାଣୀ



ବହୁତ ଲୋକରେ ଡଙ୍ଗା ବୁଡଇ
ମଝି ଦରିଆରେ ବାଟ ହୁଡଇ
ନିମିଷକେ ନିଏ ଧନ ଜୀବନ
ହଜେଇ ଦିଏ ସେ କେତେ ସପନ
ୟାଙ୍କର କ'ଣ ସେଇଆ ହବକି
ଆଗେ ଯାଇ ଡଙ୍ଗା ବୁଡି ଯିବକି
କାହାକୁ କି ଦେଇ ଖୁସି କରିବେ
ନବ ପୁରାତନ ଜାଗା ଧରିବେ
ନୋଇଲେ ସତରେ ଡଙ୍ଗା ବୁଡିବ
ଠିକଣା ବେଳକୁ ଘୋଡା ବିକିବ।

—ଟୁଟୁ

# କୃଷକଙ୍କ ପାଇଁ ଆଦର୍ଶ ପାଲଟିଛି 'କାଳିଆ' : ନବୀନ



**ଭୁବନେଶ୍ୱର :** 'କାଳିଆ' ଯୋଜନାର ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପୋଷଣ କରିଛନ୍ତି। ସାରାଦେଶର କୃଷକଙ୍କ ପାଇଁ ଆଦର୍ଶ ପାଲଟିଛି 'କାଳିଆ' ଯୋଜନା। ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାରେ ଏହି ଯୋଜନା ସହାୟକ ହେବ। ତେଣୁ ଚାଷୀଭାଇ 'କାଳିଆ' ଯୋଜନାର ସହାୟତା ରାଶିକୁ ଚାଷ କାମରେ ଲଗାଇଲେ ମୁଁ ବହୁତ ଖୁସି ହେବି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ କୃଷି ଓଡ଼ିଶା-୨୦୧୯ ଉତ୍ସବରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ଚାଷୀ ଭାଇ ଓ ଭଉଣୀମାନଙ୍କର କାଳିଆ ଯୋଜନା ବହୁତ ପସନ୍ଦ ହୋଇପାରିଛି ବୋଲି ସେ ଜାଣିବାକୁ ପାଇଛନ୍ତି। ରାଜ୍ୟର ୯୨ ପ୍ରତିଶତ ଚାଷୀ ଏହାଦ୍ୱାରା ଉପକୃତ ହେବେ। ରବି ଓ ଖରିଫ ଋତୁ ପାଇଁ ସହାୟତା ସହିତ ବିନା ସୁଧରେ ଋଣ, ବୀମା ସୁବିଧା ଓ ଜୀବିକା ସୁବିଧା ଭଳି ସବୁ ସୁବିଧା ଏହି ଯୋଜନା ମାଧ୍ୟମରେ ଚାଷୀ ପାଇପାରିବେ। ରାଜ୍ୟ ସରକାରଙ୍କର ଏହା ସବୁଠାରୁ ବଡ଼ ଯୋଜନା। ଚାଷୀଙ୍କ ପାଇଁ ସାରାଦେଶରେ ଏହା ଏକ ଆଦର୍ଶ ଯୋଜନା। କାଳିଆ କେବଳ ଓଡ଼ିଶାର ନୁହେଁ, ସାରାଦେଶର ଚାଷୀଙ୍କ ଉନ୍ନତି ପାଇଁ ବାଟ ଖୋଲିବ। ଏହାସହ ରାଜ୍ୟର ଚାଷଜମିକୁ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** — କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** — କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** — ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** — ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** — ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।


**ବିଛା** — ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** — ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** — ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** — ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ପଣ୍ୟ ପରିବହନ କ୍ଷେତ୍ରରେ ଜିଏସ୍‌ଟି ଫାଙ୍କି ଉଦ୍ୟମ

# ଫାଷ୍ଟଟାଗ୍ ସହ ସଂଯୋଗ ହେବ ଇ-ୱେବିଲ୍

**ନୂଆଦିଲ୍ଲୀ :** ଶୀଘ୍ର ଜାତୀୟ ରାଜପଥ 'ଫାଷ୍ଟଟାଗ୍' ବ୍ୟବସ୍ଥା ସହ ଜିଏସ୍‌ଟି ଇ-ୱେବିଲ୍ ସଂଯୋଜିତ ହେବ। ପଣ୍ୟ ପରିବହନ କ୍ଷେତ୍ରରେ ବିଭିନ୍ନ ଉପାୟରେ ଜିଏସ୍‌ଟି ଫାଙ୍କି ହେଉଥିବାରୁ ଏହାକୁ ରୋକିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ପରିବହନ ସଂସ୍ଥାମାନଙ୍କ ସହ ଆଲୋଚନା କରିବା ପରେ କେନ୍ଦ୍ର ରାଜସ୍ୱ ବିଭାଗ ପକ୍ଷରୁ ଏକ ଅଫିସର ସ୍ତରୀୟ କମିଟି ଗଠନ କରାଯାଇ ଜାତୀୟ ରାଜପଥ ଫାଷ୍ଟଟାଗ୍ ବ୍ୟବସ୍ଥା ସହ ଇ-ୱେ'ବିଲ୍ ଏବଂ ଦିଲ୍ଲୀ ମୁମ୍ବାଇ ଇଣ୍ଡଷ୍ଟ୍ରିଆଲ୍ କରିଡର(ଡିଏମଆଇସି)ର ଲଜିଷ୍ଟିକ୍ ଡାଟା ବ୍ୟାଙ୍କକୁ ସଂଯୋଜିତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଅଧିକାଂଶ କ୍ଷେତ୍ରରେ ପରିବହନକାରୀ ସଂସ୍ଥାମାନେ ଗୋଟିଏ ଇ-ୱେ'ବିଲ୍‌ରେ ବାରମ୍ବାର ଯାତାୟାତ କରୁଥିବା ବେଳେ ଏହା ଦ୍ୱାରା ଜିଏସ୍‌ଟି ଠକେଇ ହେଉଛି ବୋଲି ଅଭିଯୋଗ ଉଠିଥିଲା। ତେବେ ଜାତୀୟ ରାଜପଥ ବିଭାଗର ଫାଷ୍ଟଟାଗ୍ ବ୍ୟବସ୍ଥା ସହ ଏହାକୁ ସମନ୍ୱିତ କରାଯାଇପାରିଲେ ଯେକୌଣସି ପରିବହନକାରୀ ଯାନର ଭୌଗୋଳିକ ସ୍ଥିତିକୁ ଜାଣି ହେବା ସହ ସେହି ଗାଡ଼ି କେତେଥର ଜାତୀୟ ରାଜପଥ ଟୋଲ୍‌ପ୍ଲାଜା ଦେଇ ଯାତାୟତ କରିଛି ସେ ସମ୍ପର୍କରେ ମଧ୍ୟ ସୂଚନା ମିଳିପାରିବ ବୋଲି



କୁହାଯାଇଛି। ଆସନ୍ତା ଏପ୍ରିଲ ପହିଲାରୁ ଏହି ବ୍ୟବସ୍ଥା ସର୍ବଭାରତୀୟ ସ୍ତରରେ ଲାଗୁ କରାଯିବ। ଏକ ପାଇଲଟ୍ ପ୍ରକଳ୍ପ ଭାବେ ପ୍ରଥମେ କର୍ଣ୍ଣାଟକ ରାଜ୍ୟ ପକ୍ଷରୁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିବା ବେଳେ ଏଭଳି ବ୍ୟବସ୍ଥା ସର୍ବଭାରତୀୟ ସ୍ତରରେ ଲାଗୁ ହେଲେ ପଣ୍ୟ ପରିବହନ ବ୍ୟବସ୍ଥା ଉପରେ ନିଘା ରଖାଯାଇପାରିବା ସହ ନିର୍ଦ୍ଧାରିତ ଗନ୍ତବ୍ୟ ସ୍ଥଳ ପାଇଁ ଆବଶ୍ୟକ ଜିଏସ୍‌ଟି ଏବଂ ଇ-ୱେ'ବିଲ୍ ପ୍ରସ୍ତୁତ କରାଯାଇପାରିବ। ଏଥିପାଇଁ ସଚେତନତା ସୃଷ୍ଟିର ଆବଶ୍ୟକ ରହିଥିଲା ବେଳେ ଉକ୍ତ ଅଫିସରସ୍ତରୀୟ କମିଟି ଏହି ବ୍ୟବସ୍ଥାର ଉପଯୋଗ ଏବଂ ଏହାର ସୁଫଳ ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରିବେ ବୋଲି କୁହାଯାଇଛି। ବିଶେଷ କରି ସପ୍ଲାଇ ଚେନ୍ ବ୍ୟବସ୍ଥାରେ ରହିଥିବା କେତେକ ବିଷୟକୁ ନେଇ କେତେକ ପରିବହନକାରୀ ସଂସ୍ଥା ଫାଇଦା ଉଠାଇବା ଲକ୍ଷ୍ୟରେ ଜିଏସ୍‌ଟି ଫାଙ୍କୁଥିବାରୁ ସେମାନଙ୍କୁ ଏଥିରୁ ନିବୃତ କରିବା ନେଇ ଉଦ୍ୟମ କରାଯିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ରୁ ଡିସେମ୍ବର ମାସ ମଧ୍ୟରେ ୩୬୨୬ଟି ଘଟଣାରେ ମୋଟ ୧୫,୨୭୮.୧୮ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ହୋଇଥିବାର କେନ୍ଦ୍ରୀୟ ଟିକସ ଅଧିକାରୀମାନେ ଜାଣିବାକୁ ପାଇବା ପରେ ଏନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବଢିଥିଲା। ଏହାକୁ ନେଇ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଅତି କମ୍‌ରେ ୫୦,୦୦୦ ଟଙ୍କାର ପଣ୍ୟ ପରିବହନ କରୁଥିବା ସଂସ୍ଥାମାନଙ୍କ ପାଇଁ ଗତ ଏପ୍ରିଲ ପହିଲାରୁ ଇ-ୱେ'ବିଲ୍ ବ୍ୟବସ୍ଥା ପ୍ରଚଳନ କରାଯାଇଥିବା ବେଳେ ରାଜ୍ୟ ମଧ୍ୟରେ ପରିବହନ କରିବା କ୍ଷେତ୍ରରେ ମଧ୍ୟ ସେହି ମାସ ୧୫ ତରିଖରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବର୍ତ୍ତମାନ ପ୍ରତ୍ୟକ୍ଷ ଟିକସ ସମେତ ପରୋକ୍ଷ ଟିକସ ଆଦାୟ ହ୍ରାସକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଥିବା ବେଳେ ବଜେଟ ଅନୁଯାୟୀ ବିଭିନ୍ନ କ୍ଷେତ୍ରର ବିତ୍ତୀୟ ଲକ୍ଷ୍ୟ ହାସଲ ଦିଗରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ସ୍ତରରେ ଟିକସ ଫାଙ୍କି ରୋକିବାକୁ ସରକାର ସଂପୃକ୍ତ ବିଭାଗମାନଙ୍କୁ କଡ଼ା ତାଗିଦ୍ କରିଛନ୍ତି। ତେବେ ଉପରୋକ୍ତ ବ୍ୟବସ୍ଥା ଆରମ୍ଭ ହେବା ପରେ ଟିକସ ଆଦାୟ ବହୁମାତ୍ରାରେ ବୃଦ୍ଧି ପାଇବ ବୋଲି କୁହାଯାଇଛି।

## ୨୪ରେ ସିବିଆଇର ନୂତନ ନିର୍ଦ୍ଦେଶକ ଚୟନ

**ନୂଆଦିଲ୍ଲୀ :** ଆସନ୍ତା ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଗଠିତ ମନୋନୟନ କମିଟି ସିବିଆଇର ନୂତନ ନିର୍ଦ୍ଦେଶକଙ୍କୁ ମନୋନୀତ କରିବ। କମିଟିରେ ଭାରତର ପ୍ରଧାନ ବିଚାରପତି ଓ ଲୋକସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡ଼୍‌ଗେ ସଭ୍ୟ ଅଛନ୍ତି। ପୂର୍ବରୁ ୨୧ରେ ବୈଠକ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ଏହା ୨୪ ଅବା ୨୫ରେ ବୈଠକ ଡାକିବାକୁ ଖାଡ଼୍‌ଗେ ଅନୁରୋଧ କରିଥିଲେ। ଆପୋସ ଆଲୋଚନା ମାଧ୍ୟମରେ ୨୪ ତାରିଖକୁ ଧାର୍ଯ୍ୟ କରାଯାଇଛି। ସରକାର ଆଲୋକ ବର୍ମାଙ୍କୁ ଅଗ୍ନିସେବାର ମହାନିର୍ଦ୍ଦେଶକ ପଦବୀକୁ ବଦଳି କରିବା ପରଠାରୁ ସିବିଆଇ ମୁଖ୍ୟ ପଦବୀ ଖାଲି ଅଛି। ଆଇପିଏସ୍ ଏମ୍ ନାଗେଶ୍ୱର ରାଓ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଅଛନ୍ତି। ତାଙ୍କୁ ସ୍ଥାୟୀ ନିର୍ଦ୍ଦେଶକ ନ କରିବା ପାଇଁ କଂଗ୍ରେସ ଦଳ ପ୍ରଧାନମନ୍ତ୍ରୀଙ୍କ ଉପରେ ପ୍ରବଳ ଚାପ ପକାଇଥିଲା। ସ୍ଥାୟୀ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବାକୁ ଉଚ୍ଚକ୍ଷମତାପ୍ରାପ୍ତ କମିଟି ବୈଠକ ଡାକିବାକୁ ଖାଡ଼୍‌ଗେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଦ୍ୱିତୀୟ ଥର ପାଇଁ ନାଗେଶ୍ୱରଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା। ଗତ ଅକ୍ଟୋବର ୨୩ ବିଳମ୍ବିତ ରାତିରେ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ବାଧ୍ୟ କରି ଛୁଟିରେ ପଠାଇ ଦିଆଯିବା ପରେ ୧୯୮୬ ବ୍ୟାଚର ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ନାଗେଶ୍ୱରଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା।

## ୫ଲକ୍ଷ ପର୍ଯ୍ୟନ୍ତ ବଢ଼ିପାରେ ଆୟକର ଛାଡ ସୀମା

**ନୂଆଦିଲ୍ଲୀ :** ଫେବୃଆରୀ ପହିଲାରେ ୨୦୧୯ ବର୍ଷର ମଧ୍ୟବର୍ତ୍ତିକାଳୀନ ବଜେଟ ଉପସ୍ଥାପନ ହେବ। ଚଳିତବର୍ଷ ଲୋକସଭା ନିର୍ବାଚନ ହେବାକୁ ଯାଉଥିବାରୁ ଏହି ବଜେଟ୍‌ରେ ସାଧାରଣ ଲୋକଙ୍କ ପାଇଁ ବିଶେଷ ବ୍ୟବସ୍ଥା ରହିବା ସହ ଏହା ସମସ୍ତଙ୍କ ପାଇଁ ଖୁସିର ଖବର ଆଣିଦେବ ବୋଲି ବିବେଚନା କରାଯାଉଛି। ତେବେ ମଧ୍ୟମ ବର୍ଗଙ୍କ ସ୍ୱାର୍ଥରକ୍ଷା ଦୃଷ୍ଟିରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଆୟକର ଛାଡ଼ ସୀମା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି ବୋଲି ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି। ବର୍ତ୍ତମାନ ଆୟକର ଛାଡ଼ ସୀମା ୨.୫ ଲକ୍ଷ ଟଙ୍କା ରହିଥିବା ବେଳେ ଏହାକୁ ଦ୍ୱିଗୁଣିତ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଅର୍ଥନୀତିଜ୍ଞ ମହଲ ସୂତ୍ରରୁ କୁହାଯାଇଛି। ଏଥିପାଇଁ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ସମେତ ଅନ୍ୟ କେତେକ ପ୍ରମୁଖ ସଂଘ ପକ୍ଷରୁ ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଏସମ୍ପର୍କରେ ସୁପାରିସ କରାଯାଇଛି। ବିଶେଷକରି ବିମୁଦ୍ରାୟନ ପ୍ରକ୍ରିୟାକୁ ନେଇ ସାଧାରଣ ଲୋକେ ଯେଭଳି ସମସ୍ୟାଜର୍ଜରିତ ହୋଇପଡିଥିଲେ ତାହାର ପ୍ରତିପୂରଣ ସ୍ୱରୂପ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟମବର୍ଗ ଆୟକାରୀଙ୍କ ପାଇଁ ଏହା କରାଯିବା ଉଚିତ ବୋଲି କୁହାଯାଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କିଭଳି ଆଭିମୁଖ୍ୟ ରଖିବେ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ହୋଇଥିବା ବେଳେ ଅଧିକାଂଶ ମହଲ ଏଥିପାଇଁ ଆଶାବାଦୀ ରହିଛନ୍ତି। ବର୍ତ୍ତମାନ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ ବ୍ୟବସ୍ଥା ରହିଥିବା ବେଳେ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ସ୍ଲାବ୍‌ରେ ଟିକସ ହାର ୫ ପ୍ରତିଶତ ରହିଛି। ଏହି ସ୍ଲାବ୍‌ରେ ବର୍ତ୍ତମାନ ଦେଶର ପ୍ରାୟ ୨.୫୫ କୋଟି ଆୟକର ଦାଖଲକାରୀ ଟିକସ ଦେଉଥିବା ବେଳେ ମୋଟ ଟିକସ ଆଦାୟ ପରିମାଣ ୧,୨୧୩ କୋଟି ଟଙ୍କା ରହିଛି। ତେଣୁ କେନ୍ଦ୍ର ସରକାର ଯଦି ଆୟକର ଛାଡ଼ ସୀମା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରନ୍ତି ତେବେ ଏହି ପରିମାଣର ରାଜସ୍ୱ ହରାଇବେ।

## ୨୦୨୦ ସୁଦ୍ଧା ଶେଷ ହେବ ମୁମ୍ବାଇ-ନାଗପୁର ସୁପର୍ ଏକ୍ସପ୍ରେସୱେ ନିର୍ମାଣ କାର୍ଯ୍ୟ

**ମୁମ୍ବାଇ :** ୨୦୨୦ ବର୍ଷ ଶେଷ ସୁଦ୍ଧା ଦେଶର ସର୍ବବୃହତ ସଡ଼କ ପ୍ରକଳ୍ପ ମୁମ୍ବାଇ-ନାଗପୁର ସୁପର୍ ଏକ୍ସପ୍ରେସ୍‌ୱେ ନିର୍ମାଣ କାର୍ଯ୍ୟ ଶେଷ ହେବ। ଯାତାୟାତ କ୍ଷେତ୍ରରେ ଏହି ସଡ଼କ ପ୍ରକଳ୍ପ ବହୁ ସମ୍ଭାବନାର ଉଦାହରଣ ସୃଷ୍ଟି କରିବାକୁ ଯାଉଥିବା ବେଳେ ଏଥିରେ ଜେଟ୍ ଫାଇଟର ମଧ୍ୟ ଉଡାଣ କରିପାରିବ ବୋଲି ଏସମ୍ପର୍କରେ ହୋଇଥିବା ଏକ ସର୍ଭେ ସୂତ୍ରରୁ ଜଣାପଡିଛି। ଇଂରାଜୀ ଦୈନିକ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ଏକ ରିପୋର୍ଟ ଅନୁଯାୟୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମୁମ୍ବାଇ ଠାରୁ ନାଗପୁର ପର୍ଯ୍ୟନ୍ତ ଯାତ୍ରା ସମୟ ମାତ୍ର ୮ ଘଣ୍ଟା ରହିବ। ବର୍ତ୍ତମାନ ଏଥିପାଇଁ ଅନ୍ୟୂନ ୧୪ ରୁ ୧୫ ଘଣ୍ଟା ସମୟ ଲାଗୁଥିବା ବେଳେ ବିଭିନ୍ନ କିସମର ସୁବିଧା ସହ ଯାତ୍ରା ସମୟ ଆଶାତୀତ ଭାବେ ହ୍ରାସ ପାଇବ। ମହାରାଷ୍ଟ୍ର ସମୃଦ୍ଧି ମହାମାର୍ଗ ଭାବେ ନାମିତ ଏହି ରାଜପଥ ସମଗ୍ର ଦେଶରେ ଅନନ୍ୟ ଉଦାହରଣ ସୃଷ୍ଟି କରିବା ସହ



ପର୍ଯ୍ୟଟନ ପାଇଁ ମଧ୍ୟ ଖୋରାକ୍ ଯୋଗାଇବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ୭୦୧ କିମି ବିଶିଷ୍ଟ ଏହି ରାଜପଥ ମହାରାଷ୍ଟ୍ରର ୧୦ଟି ଜିଲ୍ଲା ଦେଇ ଯାଉଥିବା ବେଳେ ଏହା ଦେଶର ସର୍ବବୃହତ ଏବଂ ମୁମ୍ବାଇସ୍ଥିତ ଜେଏନ୍‌ପିଟି ସହ ସଂଯୁକ୍ତ ହେବ। ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗରେ ନିର୍ମାଣ ହେବାକୁ ଯାଉଥିବା ଏହି ପ୍ରକଳ୍ପରେ ୫୦ଟି ଫ୍ଲାଏଓଭର୍, ୨୪ଟି ଇଣ୍ଟରଚେଞ୍ଜ,୫ରୁ ଊର୍ଦ୍ଧ୍ୱ ଟନେଲ ଏବଂ ବିଭିନ୍ନ ସ୍ଥାନରେ ୪୦୦ ଯାନ ରହଣି ସ୍ଥଳ ଏବଂ ୩୦୦ ଅଣ୍ଡରପାସ୍ ରହିବ। ଏଥିସହିତ ଏହି ରାଜପଥରେ ସର୍ବନିମ୍ନ ଦୁର୍ଘଟଣା ପାଇଁ ଆନ୍ତର୍ଜାତିକ ମାନର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ସିସିଟିଭି ବ୍ୟବସ୍ଥା ଏବଂ ପ୍ରତି ୫ କିମି ବ୍ୟବଧାନରେ ମାଗଣା ଟେଲିଫୋନ ବ୍ୟବସ୍ଥା ରହିବ। ଏହି ରାସ୍ତାର ମାନ ଏଭଳି ରହିବ ଯେ, ଅତ୍ୟାବଶ୍ୟକ ସମୟରେ ଏଥିରେ ଜେଟ୍ ଫାଇଟର କିମ୍ବା ବିମାନ ମଧ୍ୟ ଅବତରଣ କରିପାରିବ।

# ତରଳୁଛି ଆର୍ଣ୍ଟାକଟିକା; ବଢୁଛି ଜଳ ପତନ

**କାଲିଫର୍ଣ୍ଣିଆ :** ଧିରେ ଧିରେ ତରଳୁଛି ଆର୍ଣ୍ଟାର୍କଟିକା। ବୃଦ୍ଧି ପାଇବାରେ ଲାଗିଛି ସମୁଦ୍ରର ଜଳ ପତନ। ମାଡି ଆସୁଛି ବିପଦ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁସାରେ ୧୯୭୯ରୁ ଆଣ୍ଟାର୍କଟିକା ମହାଦେଶର ବରଫ ପାହାଡ଼ କ୍ରମେ ତରଳୁଛି। ଦୀର୍ଘ ୩୯ ବର୍ଷ ଧରି ଏହି ଧାରା ଜାରି ରହିବା ଫଳରେ ଅନ୍ୟ ମହାଦେଶ ଉପରେ ତାହାର ପ୍ରଭାବ ପଡ଼ିବା ସୁନିଶ୍ଚିତ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଗବେଷକ ଏରିକ ରିଗ୍‌ନୋଟଙ୍କ ସୂଚନା ଅନୁଯାୟୀ ଆଣ୍ଟାର୍କଟିକାର ଦ୍ରୁତ ଅବକ୍ଷୟ ଘଟୁଛି; ଯାହାକୁ ଅଟକାଇବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସର ଗବେଷଣା ରିପୋର୍ଟ ଅନୁସାରେ ୧୯୭୯ରୁ ୧୯୯୦ ମଧ୍ୟରେ ଆଣ୍ଟାର୍କଟିକାରେ ବାର୍ଷିକ ୪୦ ଗିଗାଟନ୍ (୧ ଗିଗାଟନ୍ ଅର୍ଥାତ୍ ୧ ବିଲିୟନ୍ ଟନ୍) ହାରରେ ବରଫ



ତରଳୁଥିଲା; ଯାହା ୨୦୦୯ରୁ ୨୦୧୭ ମଧ୍ୟରେ ବାର୍ଷିକ ୨୫୨ ଗିଗାଟନ୍ ହାରରେ ତରଳୁଛି। ଦିନକୁ ଦିନ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବୋଲି ରିଗନୋଟ୍ କହିଛନ୍ତି। ଆଣ୍ଟାର୍କଟିକାର ବିରାଟ ବିରାଟ ବରଫ ପାହାଡ଼ ତରଳିଯିବା କାରଣରୁ ସମୁଦ୍ରର କଳେବର ବୃଦ୍ଧି ପାଉଛି। ଆଣ୍ଟାର୍କଟିକାର ସବୁ ବରଫ ପାହାଡ଼ ତରଳିଗଲେ, ସମୁଦ୍ର ପତ୍ତନରେ ୧୮୮ ଫୁଟ୍ (୫୭.୨ ମିଟର) ବୃଦ୍ଧି ପାଇବ। ସର୍ବେକ୍ଷକମାନେ ସମଗ୍ର ଆଣ୍ଟାର୍କଟିକାକୁ ୧୭୬ ବେସିନ୍‌ରେ ବିଭକ୍ତ କରି ସେଗୁଡ଼ିକର ତରଳିବା ପ୍ରକ୍ରିୟା ଉପରେ ଦୃଷ୍ଟି ରଖିଛନ୍ତି। ଆଣ୍ଟାର୍କଟିକାର ବିସ୍ତୀର୍ଣ୍ଣ ବରଫ ଚଟାଣ ଓ ମହାସାଗର ମଧ୍ୟରେ ବ୍ୟବଧାନ ବୃଦ୍ଧି ପାଉଥିବାର ଦେଖାଯାଇଛି। ସର୍ବେକ୍ଷକମାନେ ଆଣ୍ଟାର୍କଟିକାର ଆଭ୍ୟନ୍ତର ପ୍ରଦେଶକୁ ଯାଇ ସେଠାକାର ପରିସ୍ଥିତି ଉପରେ ଅନୁଧ୍ୟାନ କରିନାହାନ୍ତି। ତେବେ ବରଫପାତ ଓ ବରଫ ତରଳିବା ମଧ୍ୟରେ ସନ୍ତୁଳନ ରହୁ ନଥିବାର ଜଣାପଡ଼ିଛି। ବିଶ୍ୱତାପନ ବୃଦ୍ଧି କାରଣରୁ ଏହି ଅବକ୍ଷୟ ଚାଲିଛି ବୋଲି ଗବେଷକମାନେ ମତବ୍ୟକ୍ତ କରିବା ପରେ ମିଳିତ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ଘଟୁଥିବା ବିକାଶ ଧାରାର କୁପ୍ରଭାବ ମେରୁ ଅଞ୍ଚଳରେ ପଡୁଛି। ଦେଶ ଦେଶ ମଧ୍ୟରେ ବିକାଶ ଯୁଦ୍ଧ କ୍ରମେ ଜୀବଜଗତକୁ ଧ୍ୱଂସଆଡ଼କୁ ଟାଣିନେଉଛି। ପୃଥିବୀକୁ ବଞ୍ଚାଇବାକୁ ହେଲେ, ପରିବେଶ ସୁରକ୍ଷା ଓ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ହେବ। ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକା, ରୁଷ, ଚୀନ, ବ୍ରିଟେନ, ଜର୍ମାନ ପରି ବିକଶିତ ରାଷ୍ଟ୍ରଗୁଡ଼ିକ ଏ ଦିଗରେ ଆଗକୁ ପାଦ ବଢ଼ାଇବା ଜରୁରି ହୋଇପଡ଼ିଛି।

## ପ୍ରକାଶ ହେବନି ରାଫେଲ୍ ଚୁକ୍ତିର ଅଡିଟ୍ ରିପୋର୍ଟ

**ନୂଆଦିଲ୍ଲୀ :** ବିବାଦୀୟ ରାଫେଲ୍ ଲଢୁଆ ଜେଟ୍ ଖର୍ଦ୍ଦିର ଅଡିଟ୍ ରିପୋର୍ଟ ପ୍ରକାଶ କରିବାକୁ ମନା କରିଛନ୍ତି କମ୍ପ୍‌ଟ୍ରୋଲର୍ ଓ ଅଡିଟର୍ ଜେନେରାଲ୍ (ସିଏଜି)। ସିଏଜି ପକ୍ଷରୁ କୁହାଯାଇଛି, ଏପର୍ଯ୍ୟନ୍ତ ଏହି ଚୁକ୍ତିର ଅଡିଟ୍ ଶେଷ ହୋଇ ନାହିଁ। ବର୍ତ୍ତମାନ ସ୍ଥିତିରେ ଯାହା କିଛି ପ୍ରକାଶ କଲେ ତାହା ସଂସଦର ସ୍ୱାଧିକାର ଭଙ୍ଗ ସଦୃଶ ହେବ। ସୂଚନା ଅଧିକାର ଅନୁଯାୟୀ ପଚରାଯାଇଥିବା ପ୍ରଶ୍ନର ଜବାବରେ କୁହାଯାଇଛି, ଆରଟିଆଇ ଆଇନର ଧାରା ୮ (୧) (ସି) ମୁତାବକ ତଥ୍ୟ ଦିଆଯାଇ ପାରିବ ନାହିଁ। ଗତ ମାସରେ ଏ ସମ୍ପର୍କିତ ଚୁକ୍ତିକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ହୋଇଥିବା ଆବେଦନ ଖାରଜ ହୋଇଯାଇଥିଲା। ଏହି ନିଷ୍ପତ୍ତି ପ୍ରକ୍ରିୟାରେ ସନ୍ଦେହର ଅବକାଶ ନାହିଁ ବୋଲି କୋର୍ଟ କହିଥିଲେ। ଭାରତ ଫ୍ରାନ୍ସରୁ ୩୬ଟି ରାଫେଲ ଜେଟ୍ କିଣିବା ଲାଗି ୫୮,୦୦୦ କୋଟି ଟଙ୍କାର ଚୁକ୍ତିନାମା କରିଥିଲା।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରୀ ଅଂଶଧନ ୫୨%କୁ କମିବ

**ନୂଆଦିଲ୍ଲୀ :** ଏଣିକି ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରେ ସରକାରୀ ଅଂଶଧନ ୫୨% ମଧ୍ୟରେ ସୀମିତ ରଖିବାକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ବ୍ୟାଙ୍କଗୁଡିକର ପରିଚାଳନା କ୍ଷେତ୍ରରେ ସର୍ବୋତ୍ତମ କର୍ପୋରେଟ୍ ପଦ୍ଧତି ଅବଲମ୍ବନ କରିବା ଉଦ୍ଦେଶ୍ୟରେ ଏଭଳି ଚିନ୍ତା କରାଯାଇଥିବା ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରେ ସରକାରୀ ଅଂଶଧନ ପରିମାଣ ଭିନ୍ନ ଭିନ୍ନ ରହିଥିବା ବେଳେ ଏହାକୁ ପର୍ଯ୍ୟାୟ କ୍ରମେ ୫୨ ପ୍ରତିଶତକୁ ହ୍ରାସ କରିବା ସହ ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାଙ୍କ କର୍ତ୍ତୃପକ୍ଷ ପଦକ୍ଷେପ ନେବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନ ଫାଇନାନ୍ସିଆଲ ସର୍ଭିସେସ୍ ସଚିବ ରାଜୀବ କୁମାର କହିଛନ୍ତି। ଅଧିକାଂଶ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ବର୍ତ୍ତମାନ ସରକାରୀ ଅଂଶଧନ ୭୫ ପ୍ରତିଶତରୁ ଅଧିକ ରହିଛି। ତେବେ ସରକାରୀ ଅଂଶଧନ ହ୍ରାସ ପାଇଲେ ଏହା ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ଦ୍ୱାରା ୨୫ ପ୍ରତିଶତ ପବ୍ଲିକ୍ ଫ୍ଲୋଟିଂ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ପୂରଣ ହୋଇପାରିବା ସହ ପ୍ରୁଡେନ୍ସିଆଲ ଲେଣ୍ଡିଂ ନୀତି ପାଇଁ ମଧ୍ୟ ସହାୟକ ହୋଇପାରିବ ବୋଲି କୁହାଯାଇଛି। ଏହା ବ୍ୟତୀତ ସରକାରୀ ଅଂଶଧନ ହ୍ରାସ ପାଇଲେ ବ୍ୟାଙ୍କମାନଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ଅଣାଯାଇପାରିବ ବୋଲି କୁହାଯାଇଛି। ଦେଶର ସର୍ବବୃହତ ବ୍ୟାଙ୍କ ଭାବେ ପରିଚିତ ଭାରତୀୟ ଷ୍ଟେଟ ବ୍ୟାଙ୍କ 'କ୍ୱାଲିଫାଏଡ୍ ଇନ୍‌ଷ୍ଟିଚ୍ୟୁସନାଲ ପ୍ଲେସ୍‌ମେଣ୍ଟ' ବ୍ୟବସ୍ଥା ମାଧ୍ୟମରେ ଏହାର ଅଂଶଧନ ବିକ୍ରି ପାଇଁ ଯୋଜନା ଆରମ୍ଭ କରିଥିବା ବେଳେ ପ୍ରାୟ ୨୦,୦୦୦ କୋଟି ଟଙ୍କା ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛି। ବ୍ୟାଙ୍କର ବ୍ୟବସାୟ ବୃଦ୍ଧି ପାଇଁ ଗତ ମାସରେ ଏଥିପାଇଁ ବ୍ୟାଙ୍କ୍‌ର ଅଂଶୀଦାରମାନେ ସହମ୍ମତି ଦେଇଥିଲା ବେଳେ ଏହା ଦ୍ୱାରା ସରକାରୀ ଅଂଶଧନ ୫୮.୫୩କୁ ହ୍ରାସ ପାଇବ ବୋଲି ଜଣାପଡିଛି। ଏହିକ୍ରମରେ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ ମଧ୍ୟ ସମାନ ପଦ୍ଧତି ଲାଗୁ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବଜାର ସ୍ଥିତିକୁ ନେଇ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଣ୍ଡିକେଟ୍ ବ୍ୟାଙ୍କ ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଭଳି ବହୁ ବ୍ୟାଙ୍କ 'ଏମ୍ପ୍ଲୋଇ ସେୟାର ପର୍‌ଚେଜ୍ ସ୍କିମ୍(ଇଏସ୍‌ପିଏସ୍) ମାଧ୍ୟମରେ ସରକାରୀ ଅଂଶଧନ ହ୍ରାସ କରିବାକୁ ଯୋଜନା କରିଥିବା ଜଣାପଡିଛି। ସେହିପରି ଗ୍ରାହକମାନଙ୍କୁ ଆହୁରି ଉନ୍ନତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଦେଶରେ କାର୍ଯ୍ୟ କରୁଥିବା ବିଭିନ୍ନ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଗୁଡିକର ମିଶ୍ରଣ ପାଇଁ ମଧ୍ୟ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ନିକଟରେ ପଞ୍ଜାବ ଗ୍ରାମୀଣ ବ୍ୟାଙ୍କ, ମାଲଓ୍ୱା ଗ୍ରାମୀଣ ବ୍ୟାଙ୍କ ଏବଂ ସତ୍‌ଲେଜ ଗ୍ରାମୀଣ ବ୍ୟାଙ୍କ ଗୁଡିକୁ ମିଶାଇ ଦିଆଯାଇଥିଲା ବେଳେ ଏଗୁଡିକର ମିଶ୍ରଣରେ ଗଠିତ ବ୍ୟାଙ୍କ ଗତ ୧ ତାରିଖରୁ କାର୍ଯ୍ୟ ଆରମ୍ଭ କରିଛି। ଗ୍ରାମୀଣ ବ୍ୟାଙ୍କ ଗୁଡିକରେ ସରକାରୀ (କେନ୍ଦ୍ର)ଅଂଶଧନ ୫୦ ପ୍ରତିଶତ ରହିଥିବା ବେଳେ ମୂଳ ବ୍ୟାଙ୍କ୍‌ର ୩୫ ପ୍ରତିଶତ ଏବଂ ସଂପୃକ୍ତ ରାଜ୍ୟ ସରକାରଙ୍କ ୧୫ ପ୍ରତିଶତ ଅଂଶଧନ ରହିଛି।

# ଏଣିକି ସ୍କୁଲ୍‌କୁ ମୋବାଇଲ୍ ମନା

**ଭୁବନେଶ୍ୱର :** ଦିନକୁ ଦିନ ସ୍କୁଲ ଓ କଲେଜରେ ମୋବାଇଲ ପାଲଟିଛି ମୁଖ୍ୟ ସମସ୍ୟା। ଯାହାଫଳରେ ବିଦ୍ୟାଳୟର ପରିବେଶ ନଷ୍ଟ ହେବା ସହ ପିଲାମାନେ ଅବାଟକୁ ଚାଲିଯାଉଛନ୍ତି। ଏଭଳି ହେବା ଦ୍ୱାରା ପିଲାଙ୍କ ଭବିଷ୍ୟତ ଅନ୍ଧକାରମୟ ହେଇଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଣିକି ସ୍କୁଲ ପରିସରରେ ପିଲାଙ୍କ ହାତରେ ମୋବାଇଲ ଧରାପଡ଼ିଲେ ଅଭିଭାବକମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିବ। କେଉଁ କାରଣ ଲାଗି ଅଭିଭାବକମାନେ ମୋବାଇଲ ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି, ସେ ସମ୍ପର୍କରେ ଏକ ସ୍ପଷ୍ଟ ତଥ୍ୟ ଲିଖିତ ଆକାରରେ ସ୍କୁଲ ପ୍ରଧାନଶିକ୍ଷକଙ୍କ ପାଖରେ ଦାଖଲ କରିବେ ବୋଲି କୁହାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି। ସୂଚନାଥାଉ କି, ଗତ ୨ବର୍ଷ ମଧ୍ୟରେ ସ୍କୁଲକୁ ପିଲାମାନେ ମୋବାଇଲ ଆଣି ଆସୁଥିବାରୁ ଉଭୟ ଶିକ୍ଷାଗ୍ରହଣ ଏବଂ ରେଜଲ୍ଟରେ ପ୍ରଭାବ ପରିଲକ୍ଷିତ ହୋଇଛି। ବିଶେଷକରି ପୂର୍ବରୁ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲର ପିଲାମାନେ (ଅଷ୍ଟମରୁ ଉର୍ଦ୍ଧ୍ୱ)ମୋବାଇଲ ଆଣି ସ୍କୁଲ ଆସୁଥିବା ବେଳେ ଏବେ କିଛି ଘରୋଇ ସ୍କୁଲରେ ଷଷ୍ଠ ଶ୍ରେଣୀ ପିଲାଙ୍କ ହାତରେ ମୋବାଇଲ ରହୁଛି। ସେହିପରି ସରକାରୀ ସ୍କୁଲଗୁଡିକରେ ୭ମ ଶ୍ରେଣୀରୁ ଆରମ୍ଭ କରି ଦଶମଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ମୋବାଇଲ ଆଣି ସ୍କୁଲ ଆସୁଛନ୍ତି। ସର୍ଭେ ରିପୋର୍ଟରୁ ଜଣାପଡିଛି ଯେ, ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲଗୁଡିକରେ ପ୍ରାୟ ୯୨ପ୍ରତିଶତ ପିଲା ବର୍ତ୍ତମାନ ମୋବାଇଲ ଆଣି ସ୍କୁଲ ଆସୁଥିବା ବେଳେ ୬୫ପ୍ରତିଶତ ପିଲା ସରକାରୀ ସ୍କୁଲରେ ମୋବାଇଲ ବ୍ୟବହାର କରୁଛନ୍ତି। ଖୋର୍ଦ୍ଧା, କଟକ, ପୁରୀ, ବ୍ରହ୍ମପୁର, ଜଗତସିଂହପୁର, ଯାଜପୁର, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ସମ୍ବଲପୁର ଭଳି ୧୭ଟି ଜିଲ୍ଲାରେ ସରକାରୀ ସ୍କୁଲ ଗୁଡିକରେ ପିଲାମାନେ ମୋବାଇଲ୍ ଆଣି ଆସୁଥିବା ବେଳେ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ସୁନ୍ଦରଗଡ, ବରଗଡ, ବାଲେଶ୍ୱର ଭଳି ୧୧ଟି ସହରରେ ଥିବା ଘରୋଇ ସ୍କୁଲଗୁଡିକରେ ସର୍ବାଧିକ ପିଲାଙ୍କ ହାତରେ ମୋବାଇଲ ଥିବା ଜଣାପଡ଼ିଛି। ଏହାବ୍ୟତୀତ ମୋବାଇଲ ବ୍ୟବହାର ଯୋଗୁଁ ଶ୍ରେଣୀରେ ପାଠପଢ଼ା ସମୟରେ ପିଲାମାନେ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ବେଳେ ପାଠପଢ଼ାରେ ବ୍ୟାଘାତ ଘଟୁଛି। ବିଶେଷକରି ଷଷ୍ଠ ଏବଂ ୭ମ ଶ୍ରେଣୀ ପିଲା ମୋବାଇଲରେ ବିଭିନ୍ନ ଗେମସ୍‌ରେ ବ୍ୟସ୍ତ ରହୁଥିବା ବେଳେ ବିଭିନ୍ନ ପ୍ରକାର ସାଇଟ୍‌ରେ ଥିବା ଅନାବଶ୍ୟକ ତଥ୍ୟ ଜାଣିବାରେ ବ୍ୟସ୍ତ ରହୁଛନ୍ତି। ମୋବାଇଲ ବ୍ୟବହାର ଲାଗି ଅନେକ ସ୍କୁଲରେ କ୍ଲାସ ପରୀକ୍ଷାଗୁଡିକରେ ପିଲାମାନେ ମୋବାଇଲରେ କପି କରୁଥିବା ବେଳେ ପାଠପଢ଼ା ପ୍ରତି ପିଲାଙ୍କ ମନ ବିଚଳିତ ରହୁଛି। ଏହାବ୍ୟତୀତ ଅନେକ ସମୟରେ ମୋବାଇଲ ବ୍ୟବହାର ଯୋଗୁଁ ସ୍କୁଲ ପରିସରରେ ପିଲାଙ୍କ ମଧ୍ୟରେ ଏକ ଅସମାନତା ପରିଲକ୍ଷିତ ହୋଇଛି। ଅନେକ ଗରିବ ପିଲା ସରକାରୀ ସ୍କୁଲରେ ପଢୁଥିବାରୁ ସେମାନେ ମୋବାଇଲ ଆଣିବାରେ ଅସମର୍ଥ ହୋଇଥିବାରୁ ଅନ୍ୟପିଲାଙ୍କ ହାତରେ ମୋବାଇଲ ଦେଖି ସେମାନଙ୍କ ମନରେ ଏକ ପ୍ରକାର ଚାପ ମଧ୍ୟ ପଡୁଛି। କିଛି ପିଲା ଘରେ ଅଭିଭାବକଙ୍କ ପାଖରେ ଜିଦ୍ କରି ମୋବାଇଲ ନେବାକୁ ବାଧ କରୁଥିବା ବେଳେ ଅଭିଭାବକ ମଧ୍ୟ ବାଧ୍ୟବାଧକତାରେ ମୋବାଇଲ କିଣି ଦେଉଛନ୍ତି।

# 'ରାଜ୍ୟବାସୀଙ୍କୁ ଭ୍ରମିତ କରିବାରେ ମୁଖ୍ୟମନ୍ତ୍ରୀ ମାହିର'

**ଭୁବନେଶ୍ୱର :** କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା କହି ରାଜ୍ୟବାସୀଙ୍କୁ ଭ୍ରମିତ କରିବାରେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ପୂରା ମାହିର । ନିର୍ବାଚନକୁ ଦୃଷ୍ଟିରେ ରଖି ଯୋଜନା ଘୋଷଣା କରିବା, ସେହି ଯୋଜନାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଜ୍ଞାପନ ମାଧ୍ୟମରେ ଗଣମାଧ୍ୟମରେ ପ୍ରକାଶ କରିବା ଏବଂ ନିଜ ପ୍ରଶଂସାର ପାତ୍ର ହେବା ପାଇଁ ଯୋଜନା ପରେ ଦଳୀୟ ଲୋକଙ୍କ ଦ୍ୱାରା ପ୍ରାୟୋଜିତ ଭାବେ ଧନ୍ୟବାଦ ଗ୍ରହଣ କରିବା ଆଦି କଳା ମୁଖ୍ୟମନ୍ତ୍ରୀଙ୍କୁ ବେଶ ଜଣା । ପୂର୍ବରୁ ମୁଖ୍ୟମନ୍ତ୍ରୀ ଅନେକ କେନ୍ଦ୍ରୀୟ ଯୋଜନାକୁ ହାଇଜାକ୍ କରି ନାଁ ବଦଳାଇ ନିଜ ଯୋଜନା କହି ଓଡିଶାବାସୀଙ୍କୁ ଭୂଆଁ ବୁଲାଇଛନ୍ତି । ଏବେ ସଦ୍ୟ ସଦ୍ୟ ଏଲିଡି ବଲବ ଯୋଜନା ଏବଂ ଗତକାଲି ସୁନେତ ଯୋଜନା କରି ଭୋଟ ପାଇଁ ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟସରକାର ସୁନେତ୍ର ଯୋଜନାକୁ ୧୫ ଜାନୁଆରୀ ୨୦୧୯ ରେ ଘୋଷଣା କରିଛନ୍ତି। ପୂର୍ବରୁ ୧୨ ଅକ୍ଟୋବର ୨୦୧୭ ବିଶ୍ୱ ଦୃଷ୍ଟି ଦିବସ ଦିନ ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ। ଏହା ପୁଣି ଭାରତ ବର୍ଷରେ ପ୍ରଥମ ଭାବେ ହେଉଛି ଏବଂ କେନ୍ଦ୍ର ଯୋଜନାକୁ ଏହା ଆମର ସଂପୂର୍ଣ୍ଣ ନିଜସ୍ୱ ଯୋଜନା କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ୨୦୧୭ରେ ରାଜ୍ୟସରକାର ଘୋଷଣା କରିଥିଲେ କି ୨୦୨୨ ସୁଦ୍ଧା ଓଡିଶାକୁ ଅନ୍ଧତ୍ୱରୁ ମୁକ୍ତ କରିଦେବେ । ଏବେ ପୁଣି ଜାନୁଆରୀ ୧୫ ତାରିଖରେ ଘୋଷଣା କରୁଛନ୍ତି କି, ୨୦୨୩ ସୁଦ୍ଧା ଅନ୍ଧମୁକ୍ତ କରିଦେବେ । ପୂର୍ବ ଘୋଷଣା ଏବଂ ଏବେର ଘୋଷଣା ମଧ୍ୟରେ ଆଉ କୌଣସି ପାର୍ଥକ୍ୟ ନାହିଁ। ଯେଉଁଥିରେ ୬ ଶହ କୋଟି ଟଙ୍କାର ବଜେଟ୍ କରାଯାଇଥିଲା ଏବଂ ଏଥିରେ ବିଭିନ୍ନ ବେସରକାରୀ ଡାକ୍ତରଖାନା ଯୋଡିବା ପାଇଁ ମଧ୍ୟ ନିଷ୍ପତି ହୋଇଥିଲା। ରାଜ୍ୟସରକାର ସେହି ପୁରୁଣା ଯୋଜନାକୁ ଆଉ ଥରେ ଘୋଷଣା କରି ନୂଆ ଯୋଜନା କହି ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି



ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। କେଉଁ ବେସରକାରୀ ଡାକ୍ତରଖାନା ଏବଂ ସରକାରୀ ଡାକ୍ତରଖାନା ଏହି ଯୋଜନାରେ ସାମିଲ ଥିଲେ। କଣ ଏହାର ଲାଭ ମିଳିଛି ? କେତେ ଲୋକ ଏଥିରେ ଉପକୃତ ହୋଇଛନ୍ତି ରାଜ୍ୟସରକାର ଏହାର ତଥ୍ୟ ରଖନ୍ତୁ। ପୁଣି ରାଜ୍ୟସରକାର ମିଛ କହିଛନ୍ତି କି, ୨୦୧୬ ମସିହାରେ ଆଇ କେୟାର ଫର୍ ଅଲ୍ ଏହାକୁ ଘୋଷଣା କରି ତତ୍‌କାଳୀନ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପୁରସ୍କୃତ କରିଥିଲେ । ଏହା ରାଜ୍ୟସରକାରଙ୍କର ଯୋଜନା ନୁହେଁ , ଆଗରୁ କେନ୍ଦ୍ର ସରକାରଙ୍କର ଯୋଜନା ଥିଲା ଯାହାର ନାମ **National Programme for Control of Blindness and visual impriment (NPCB)** । ଯେଉଁଥିରେ ଓଡିଶା ଶହେ ଭାଗ ଅର୍ଥ ପାଉଥିଲା। ଏବେ ଏହା ଯଥାକ୍ରମେ ୪୦ ଭାଗ , ୬୦ ଭାଗ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଓଡିଶା ଏପରି ଯୋଜନା କରିବାରେ ଦେଶରେ ପ୍ରଥମ ବୋଲି ମୁଖ୍ୟମନ୍ତ୍ରୀ ଏବେ କହିଲେ ଯାହା ୨୦୧୭ରେ ବି କହିଥିଲେ ଯାହା ସମ୍ପୂର୍ଣ୍ଣ ମିଥ୍ୟା ତଥ୍ୟ ଉପରେ ଆଧାରିତ । ଏହି ଯୋଜନା ତାମିଲନାଡୁ, ତେଲେଙ୍ଗାନା, ଗୁଜୁରାଟ ଭଳି ଅନେକ ରାଜ୍ୟରେ କାର୍ଯ୍ୟକାରୀ ହେଉଛି, ଯାହାର ତଥ୍ୟ ଆମ ପାଖରେ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟସରକାର ଦିନରେ ଲଣ୍ଠନ ଦେଖାଇ ପିଠା, କାଳିଆ, ଆମ ଗାଁ ଆମ ବିକାଶ ନାଁରେ ଲୋକମାନଙ୍କୁ ଠକି ଚାଲିଛନ୍ତି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

# ବିଧାୟକ ପଦ ଛାଡ଼ିଲେ ଯୋଗେଶ

**ଭୁବନେଶ୍ୱର :** ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ କଂଗ୍ରେସ ଦଳରୁ ନିଲମ୍ବିତ ହୋଇଥିବା ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ ଶେଷରେ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହ ସେ କଂଗ୍ରେସ ଦଳରୁ ମଧ୍ୟ ଇସ୍ତଫା ଦେଉଥିବା ନେଇ ଏକ ପତ୍ର ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଏଥିରେ ଯୋଗେଶ ଉଲ୍ଲେଖ କରିଛନ୍ତି ଯେ, ସେ ଗଣମାଧ୍ୟମ ଜରିଆରେ ଜାଣିବାକୁ ପାଇଲେ ଯେ, ତାଙ୍କର ବିଶୃଙ୍ଖଳାଗତ କାରଣ ଯୋଗୁଁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ତେବେ ବିନା କୌଣସି କାରଣ ଦର୍ଶାଅ ନୋଟିସ୍ ନ ଥାଇ ହଠାତ୍ ଦଳରୁ ତାଙ୍କୁ ନିଲମ୍ବନ କରାଯିବାରେ ଯୋଗେଶ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ତେବେ ରାହୁଲଙ୍କୁ ଲେଖିଥିବା ପତ୍ରରେ ଯୋଗେଶ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଶୃଙ୍ଖଳା କମିଟି ପକ୍ଷରୁ ତାଙ୍କୁ ନିଲମ୍ବନ କରାଯିବାର ୨ଟି କାରଣ ଦର୍ଶାଯାଇଛି। ସେଥିମଧ୍ୟରୁ ପ୍ରଥମ କାରଣଟି ହେଉଛି ଯେ, ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଯାହାକି ଦଳ ବିରୋଧୀ ବୋଲି କୁହାଯାଇଛି। ଏହି ପ୍ରସଙ୍ଗରେ ଯୋଗେଶ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ପୁରସ୍କାର ପାଇଛନ୍ତି। ୟୁପିଏ ଶାସନ ସମୟରେ ମଧ୍ୟ ସେ ସମୟରେ କେନ୍ଦ୍ରରେ ମନ୍ତ୍ରୀ ଥିବା ବହୁ ନେତା ଓଡ଼ିଶା ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନଙ୍କ ପ୍ରଶଂସା କରିଥିଲେ। ତେଣୁ ସେ ଯଦି ମୁଖ୍ୟମନ୍ତ୍ରୀଙ୍କୁ ଭଲ କହିଲେ ତେବେ ସେଥିରେ କ'ଣ ଖରାପ ହେଲା ବୋଲି ଯୋଗେଶ ରାହୁଲଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ଯୋଗେଶ ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ତା ୨୫ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ। ତେବେ ଉକ୍ତ ଦିନ ତାଙ୍କର କିଛି ବ୍ୟକ୍ତିଗତ କାମ ଥିବାରୁ ସେ ରାହୁଲଙ୍କ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ତେବେ ଏହା କ'ଣ ଦଳ ବିରୋଧୀ କାର୍ଯ୍ୟ କି ବୋଲି ଯୋଗେଶ ରାହୁଲଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

# ବିନା ବିଲ୍ଡିଂରେ ଚାଲିଛି ୩୦୬ ସ୍କୁଲ

**ଭୁବନେଶ୍ୱର :** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ରାଜ୍ୟ ସରକାରଙ୍କ ଫୋକସ୍‌ରେ ସମସ୍ତ ସ୍କୁଲଗୁଡିକର ଗୁଣାତ୍ମକ ଶିକ୍ଷା ଏବଂ ଭିତ୍ତିଭୂମି। ସର୍ବଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ସ୍କୁଲଗୁଡିକର ଭିତ୍ତିଭୂମି ସଜାଡ଼ିବା ଉପରେ ବିଶେଷ ନଜର ରହିଛି। ମାତ୍ର ରାଜ୍ୟର ୩୦୬ ସ୍କୁଲ ବିନା ବିଲ୍ଡିଂରେ ଚାଲିଛି। ତେବେ ସର୍ବଶିକ୍ଷା ଯୋଜନାରେ ଯେଉଁ ଅନୁଦାନ ମଞ୍ଜୁର ହୋଇଥିଲା ସେ ଅନୁଦାନ କାହିଁକି ବ୍ୟୟ କରାଗଲା ନାହିଁ ତା'କୁ ନେଇ ପ୍ରଶ୍ନବାଚୀ ଉଠିଛି। ତେବେ ରାଜ୍ୟର ଭଦ୍ରକ ଜିଲ୍ଲାରେ ସର୍ବାଧିକ ବିଲ୍ଡିଂ ନଥିବା ବେଳେ ସର୍ବନିମ୍ନ ତାଲିକାରେ ବୌଦ୍ଧ, କନ୍ଧମାଳ, କେନ୍ଦ୍ରାପଡା ରହିଥିବା ବେଳେ ଗଜପତି, ଝାରସୁଗୁଡା, କେନ୍ଦୁଝର, ନୂଆପଡା, ସମ୍ବଲପୁର ଜିଲ୍ଲା ଏହି ତାଲିକାରୁ ବାଦ୍ ପଡିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଜିଲ୍ଲାୱାରୀ ରିପୋର୍ଟ ଅନୁଯାୟୀ, ଅନୁଗୁଳରେ ୧୧ ସ୍କୁଲ ବିନା ବିଲ୍ଡିଂରେ ଚାଲିଥିବା ବେଳେ ବାଲେଶ୍ୱରରେ ୧୧, ବରଗଡ଼ରେ ୩, ଭଦ୍ରକରେ ୩୫, ବଲାଙ୍ଗିରରେ ୮, ବୌଦ୍ଧରେ ୧, କଟକରେ ୯, ଦେଓଗଡରେ ୨, ଢେ଼ଙ୍କାନାଳରେ ୫, ଗଞ୍ଜାମରେ୨୭, ଜଗତସିଂପୁରରେ ୧୭, ଯାଜପୁରରେ ୨୧, କଳାହାଣ୍ଡିରେ ୧୬, କନ୍ଧମାଳରେ ୧, କେନ୍ଦ୍ରାପଡ଼ାରେ ୧, ଖୋର୍ଦ୍ଧାରେ ୧୭, କୋରାପୁଟରେ ୨୬, ମାଲକାନଗିରିରେ ୩, ମୟୁରଭଞ୍ଜରେ ୧୯, ନବରଙ୍ଗପୁରରେ ୪, ନୟାଗଡ଼ରେ ୧୩, ପୁରୀରେ ୩୩, ସୋନପୁରରେ ୫ ଓ ସୁନ୍ଦରଗଡ଼ରେ ୧୮ସ୍କୁଲରେ ବିଲ୍ଡିଂ ନଥିବା ଜଣାପଡ଼ିଛି। ତେବେ ରାଜ୍ୟରେ ପ୍ରାଥମିକ ଶିକ୍ଷା ଲାଗି ୨୧୯୩ଟି ସ୍କୁଲରେ ଗୋଟିଏ ଲେଖାଏଁ ଶ୍ରେଣୀକକ୍ଷ ଥିବା ବେଳେ ୧୭ହଜାର ୭୨୩ ସ୍କୁଲରେ ୨ଟି ଶ୍ରେଣୀକକ୍ଷ, ୯୦୮୩ଟି ସ୍କୁଲରେ ୩ଟି ଶ୍ରେଣୀକକ୍ଷ ଏବଂ ୬୫୯୦ସ୍କୁଲରେ ୪ଟି ଲେଖାଏଁ ଶ୍ରେଣୀକକ୍ଷ ରହିଛି। ତେବେ ପ୍ରଥମରୁ ୫ମଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ଲାଗି ୧ଟି ଶ୍ରେଣୀ କକ୍ଷ ଥିବାରୁ ଗୁଣାତ୍ମକ ଶିକ୍ଷା କିପରି ପିଲାଙ୍କୁ ମିଳୁଛି ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ରାଜ୍ୟର ଯେଉଁ ଏଲିମେଣ୍ଟାରୀ ସ୍କୁଲ ଗୁଡିକରେ ବିଲ୍ଡିଂ ନାହିଁ ସେଠାରେ ଶିକ୍ଷାଦାନ ପଦ୍ଧତିର ମାନକୁ ନେଇ ଚର୍ଚ୍ଚା ମଧ୍ୟ ହେଉଛି। ତେବେ ପ୍ରାଥମିକ ଶିକ୍ଷା ଲାଗି ରାଜ୍ୟରେ ଶିକ୍ଷକଙ୍କ ସମସ୍ୟା ନଥିବା ବେଳେ ଭିତ୍ତିଭୂମି ନଥିବା ସ୍କୁଲଗୁଡିକରେ ଶିକ୍ଷକଙ୍କ ନିଯୁକ୍ତିକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ଗୋଟିଏ ଶ୍ରେଣୀରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ବସୁଥିବା ବେଳେ ସମସ୍ତ ଶିକ୍ଷକଙ୍କ ସମେତ ସ୍କୁଲର ସମସ୍ତ ଆସବପତ୍ର ଏବଂ ବିଭିନ୍ନ ଉପକରଣ ମଧ୍ୟ ରହିଛି। ତେବେ ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ରାଜ୍ୟ ସରକାର ଯୋଜନା କାର୍ଯ୍ୟକାରୀ କରୁଥିଲେ ହେଁ ସେ ସବୁ ତଦାରଖ ଅଭାବରୁ ଅଧାରେ ପଡିଛି।

## ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭ ହେବ 'ଆଇଡିଏଟ୍ ଫର୍ ଇଣ୍ଡିଆ' ଯୋଜନା

# ୬ଷ୍ଠରୁ +୨ ପର୍ଯ୍ୟନ୍ତ ପିଲାଙ୍କୁ ମିଳିବ ଜୀବନଶୈଳୀ ପ୍ରଶିକ୍ଷଣ

**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମ ଥର ଲାଗି ଷଷ୍ଠ ଶ୍ରେଣୀରୁ ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ଲାଗି ଆରମ୍ଭ ହେବ 'ଆଇଡିଏଟ୍ ଫର୍ ଇଣ୍ଡିଆ' ଯୋଜନା। ଯେଉଁଥିରେ ଦେଶର ୪ଟି ଆଞ୍ଚଳିକ ସ୍ତରରେ ତୃଣମୂଳ ଶିବିର ମାଧ୍ୟମରେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ଦୈନନ୍ଦିନ ଜୀବନଶୈଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଚିଠି ନମ୍ବର ୫୮୩ ମାଧ୍ୟମରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଛନ୍ତି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନା ଆୟୋଜନ କରାଯିବ ତେବେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେସନ୍ ଏବଂ ଇନ୍‌ଟେଲ୍ ଇଣ୍ଡିଆର ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଦେଶର ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହା କାର୍ଯ୍ୟକାରୀ କରାଯିବ। ବିଶେଷକରି ଦୈନନ୍ଦିନ କାର୍ଯ୍ୟରେ ଛାତ୍ରଛାତ୍ରୀମାନେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସବୁର ସମାଧାନ କିପରି ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ କରିପାରିବେ ସେ ସମ୍ପର୍କରେ ଏହି ଯୋଜନା ବେଶ୍ ସହାୟକ ହୋଇପାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଶିକ୍ଷା ବ୍ୟତୀତ ପିଲାଙ୍କ ମଧ୍ୟରେ ଏକତା ସୃଷ୍ଟି କରିବା ସହ ନିଜ ଅଞ୍ଚଳର ସମସ୍ୟା ସମାଧାନ ଯେପରି ପିଲାମାନେ କରିବେ ତାହା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ମୁଖ୍ୟତଃ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଡିଜିଟାଲ୍ ସେବା, ପରିବେଶ, ମହିଳା ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, ସ୍କୁଲର ଭିତ୍ତିଭୂମି, କୃଷି, ସାମାଜିକ ସୁରକ୍ଷା, ପର୍ଯ୍ୟଟନ ଏବଂ ଭିନ୍ନକ୍ଷମଙ୍କୁ ଅଧିକାର ସହ ମୁଖ୍ୟସ୍ରୋତରେ କିପରି ସାମିଲ କରିବେ ସେ ନେଇ ପିଲାଙ୍କୁ ଡିଜିଟାଲ ବ୍ୟବସ୍ଥାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଷଷ୍ଠରୁ +୨ ପର୍ଯ୍ୟନ୍ତ ପିଲାଙ୍କୁ ଏନେଇ ମନୋନୀତ କରାଯିବ। ଏ ନେଇ ୪ଟି ଆଞ୍ଚଳିକ ଶିବିର ଆୟୋଜନ କରାଯିବ। ପ୍ରତ୍ୟେକ ରାଜ୍ୟରୁ ଏକ ସ୍ୱତନ୍ତ୍ର ପ୍ୟାନେଲ ଚୟନ କମିଟି ମାଧ୍ୟମରେ ୧୦ଜଣ ପିଲାଙ୍କୁ ଚୟନ କରାଯିବ। ସମ୍ପୃକ୍ତ ଛାତ୍ରଛାତ୍ରୀ ରିଜିଓନାଲ୍ ବୁଟ୍ କ୍ୟାମ୍ପ ବା ଆଞ୍ଚଳିକ ତୃଣମୂଳ ଶିବିରରେ ସାମିଲ ହେବା ପରେ ଦେଶର ବଛାବଛା ପ୍ରଶିକ୍ଷକ ପିଲାଙ୍କ ସମସ୍ୟାର ସମାଧାନ ଲାଗି ପ୍ରଶିକ୍ଷଣ ଦେବେ। ଏହାବ୍ୟତୀତ ଡିଜିଟାଲ ବ୍ୟବସ୍ଥାରେ କିପରି ପିଲାମାନେ ନିଜର ଏବଂ ନିଜ ଅଞ୍ଚଳର ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାବ୍ୟତୀତ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଡିଜିଟାଲ୍ ସେବା, ପରିବେଶ, ମହିଳା ସୁରକ୍ଷା, ଟ୍ରଫିକ ବ୍ୟବସ୍ଥା, ସ୍କୁଲର ଭିତ୍ତିଭୂମି, କୃଷି, ସାମାଜିକ ସୁରକ୍ଷା, ପର୍ଯ୍ୟଟନ ଏବଂ ଭିନ୍ନକ୍ଷମଙ୍କୁ ଅଧିକାର ବିଷୟକୁ ନେଇ ୧୧ଟି କୋର୍ ଥିମ୍ ଏରିଆ ଉପରେ ପିଲାଙ୍କୁ ପ୍ରଶ୍ନୋତ୍ତର ମାଧ୍ୟମରେ ଏକ କୋର୍ସ ଦିଆଯିବ। ଏହି ଯୋଜନାରେ ଆବଶ୍ୟକ ସମସ୍ତ ସାମଗ୍ରୀ ତଥା ଟୁଲସ୍, ମେଟେରିଆଲ୍ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେସନ୍ ଏବଂ ଇନ୍‌ଟେଲ୍ ଇଣ୍ଡିଆ ପକ୍ଷରୁ ଯୋଗାଇ ଦିଆଯିବ। ସର୍ବଭାରତୀୟ ସ୍ତରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି ସ୍କୁଲ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଡିଜିଟାଲ ମାଧ୍ୟମରେ ପିଲାମାନେ ଯେପରି ସଠିକ ଭାବେ ଅବଗତ ହେବେ ସେ ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ଯୋଜନା ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି। ତେବେ ଏହି ଯୋଜନାରେ ସମସ୍ତ ଅନୁଦାନ କେନ୍ଦ୍ର ବହନ କରିବ।

# ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ଅଙ୍ଗନବାଡ଼ି କର୍ମୀ



**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ନିକଟରେ ଦୀର୍ଘ ୩୦ବର୍ଷ ଧରି ବିଭିନ୍ନ ଦାବି କରିଆସୁଥିବା ରାଜ୍ୟର ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଦାବିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଚାରକୁ ନେଇ ବଡ଼ ଘୋଷଣା ଜରିଆରେ ୬ ହଜାର ଟଙ୍କାରୁ ଭତ୍ତା ବୃଦ୍ଧି କରି ୭୫୦୦ ଟଙ୍କା ଘୋଷଣା, ଚାକିରିରେ ଅବସର ବୟସସୀମା ୬୦ରୁ ୬୨କୁ ବୃଦ୍ଧି କରିବା, ପଦୋନ୍ନତି ୩୦ ଭାଗରୁ ୫୦ ଭାଗକୁ ବୃଦ୍ଧି କରିବା, ଅବସର ସମୟରେ ୨୦ ହଜାର ଟଙ୍କା ପ୍ରଦାନ କରିବା, ୧୫ଦିନ ଗ୍ରୀଷ୍ମକାଳୀନ ଛୁଟି ପ୍ରଦାନ ଆଦି ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୬ମାସ ମଧ୍ୟରେ ରାଜ୍ୟ ସରକାର ଦୁଇଥର ଭତ୍ତା ବୃଦ୍ଧି କରିବା ଭାରତବର୍ଷରେ ଏକ ବିରଳ ପଦକ୍ଷେପ ସ୍ୱରୂପ ପ୍ରତିପାଦିତ ହୋଇଛି। ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ପକ୍ଷରୁ ୟୁନିଟ୍-୬ ଠାରୁ ଏକ ବିଶାଳ ଶୋଭାଯାତ୍ରା ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା ଓ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ମହାସଚିବ ଶ୍ରୀ ସୁବାସ ସିଂହ, ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି ସଂଘ ସଭାପତି ପ୍ରଶାନ୍ତ ପାଢ଼ୀ, ସଂପାଦିକା ମଞ୍ଜୁଲତା ଦାସ, କୋଷାଧ୍ୟକ୍ଷ ସୁଶ୍ରୀ ସଂଗୀତା ମହାପାତ୍ର, ମହିଳା ସମବାୟ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ବିଜୁ ମହିଳା ଜନତା ଦଳ ଉପ-ସଭାନେତ୍ରୀ ସଂଯୁକ୍ତା ମହଲ, ସାଧାରଣ ସଂପାଦିକା ସୁଲତା ଦେଓଙ୍କ ନେତୃତ୍ୱରେ ନବୀନ ନିବାସ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ୩୦ଟି ଜିଲ୍ଲାରୁ ହଜାର ହଜାର କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସାମିଲ ହୋଇଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିବା ସଂଗେ ସଂଗେ କୃତଜ୍ଞତା ଜ୍ଞାପନ ଜଣାଇବା ପାଇଁ ଜିନ୍ଦାବାଦ ଓ ହୁଳହୁଳିରେ ନବୀନ ନିବାସ ପରିବେଶ ପ୍ରକମ୍ପିତ ହୋଇଥିଲା।

# ୨୦୨୨ ସୁଦ୍ଧା ସବୁ ଜିଲ୍ଲାରେ ସିଏନ୍‌ଜି : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ବର୍ତ୍ତମାନ ଘରେ ଘରେ ବିଜୁଳି ଏବଂ ରନ୍ଧନ ଗ୍ୟାସ ପହଞ୍ଚିଛି । ୪୦୦ ଜିଲ୍ଲାରେ ସିଏନ୍‌ଜି ପହଞ୍ଚିସାରିଛି। ଆଗାମୀ ୨୦୨୨ ସୁଦ୍ଧା ସବୁ ଜିଲ୍ଲାରେ ସିଏନ୍‌ଜି ପହଞ୍ଚାଯାଇ ଶକ୍ତି ସଂରକ୍ଷଣ ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ପଡ଼ିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭୁବନେଶ୍ୱରସ୍ଥିତ ଜୟଦେବଭବନରେ ପେଟ୍ରୋଲିୟମ କନଜର୍ଭେସନ ରିସର୍ଚ୍ଚ ଆସୋସିଏସନ୍ (ପିସିଆର୍‌ଏ) ଦ୍ୱାରା ଆୟୋଜିତ ସକ୍ଷମ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ପିସିଆର୍‌ଏ ଦ୍ୱାରା ସବୁ ବର୍ଷ ଜାନୁଆରୀ ୧୬ରୁ ଜାନୁଆରୀ ଶେଷ ପର୍ଯ୍ୟନ୍ତ ଗୋଟିଏ ପକ୍ଷ ପାଳନ କରାଯାଉଛି । କିନ୍ତୁ ୧୫ ଦିନର ଏ ବଡ଼ ଅଭିଯାନ ଦେଶକୁ ବୁଝାଇବା ବା ମନେପକାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହି କାର୍ଯ୍ୟକ୍ରମ ତଥା ସଚେତନତାକୁ ବଢ଼ାଇ ଏକ ମାସ ପର୍ଯ୍ୟନ୍ତ କରିବାର ଆବଶ୍ୟକ ରହିଛି। ଏହାର ସୀମା ଓ ପରିଧି କେବଳ ସ୍କୁଲ ପିଲାଙ୍କୁ ବୁଝାଇଲେ ହେବନାହିଁ। ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବାର ଆବଶ୍ୟକତା ରହିଛି। ଶ୍ରୀ



ପ୍ରଧାନ କହିଛନ୍ତି ଲୋକମାନଙ୍କ ପାଖକୁ କଥା ପହଞ୍ଚାଇବା କଷ୍ଟକର ବିଷୟ ନୁହେଁ। ସାମାଜିକ ଗଣମାଧ୍ୟମ ଯୁଗରେ ଗୋଟିଏ ଘଟଣାକୁ ବନେଇ ଚୁନେଇ ମସଲା ଦେଇ ପହଞ୍ଚାଇବା କ୍ଷଣିକର ବିଷୟ ମାତ୍ର। ସେହିପରି ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ହେଲେ ସମସ୍ତଙ୍କୁ ନିଜ ନିଜ ସ୍ଥାନରେ କାମ କରିବାକୁ ପଡ଼ିବ। ଶ୍ରୀ ପ୍ରଧାନ କହିଛନ୍ତି ଇନ୍ଧନ ସଂରକ୍ଷଣ ହେଲେ ସମ୍ପତ୍ତି ଲମ୍ବା ସମୟ ପର୍ଯ୍ୟନ୍ତ ଆମ ହାତରେ ରହେ। ପୃଥିବୀର ତୃତୀୟ ସ୍ତରରେ ସବୁଠୁ ଅଧିକ ଇନ୍ଧନ ସଂରକ୍ଷଣ କରୁଥିବା ଦେଶ ହେଉଛି ଭାରତ। କିନ୍ତୁ ମୁଣ୍ଡପିଛା ଇନ୍ଧନ ଅନ୍ୟଦେଶ ସହ ତୁଳନା କଲେ ଭାରତ ବହୁତ ତଳେ ଅଛି। ବହୁ ବିକଶିତ ଦେଶ ବି ଭାରତ ଠାରୁ ଅଧିକ ବିଜୁଳି ଉପଯୋଗ କରୁଥିବା ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଲେ ଯେ, ୨୦୧୪ ମସିହା ସୁଦ୍ଧା ଦେଶରେ ୧୩ କୋଟି ଗ୍ୟାସ ସଂଯୋଗ ହୋଇଥିବା ବେଳେ ମୋଦୀ ସରକାରଙ୍କ ସାଢ଼େ ୪ ବର୍ଷ ଶାସନରେ ଏହି ସଂଖ୍ୟା ଦୁଇଗୁଣା ହୋଇ ୨୬ କୋଟିରେ ପହଞ୍ଚିଛି। ଶ୍ରୀ ପ୍ରଧାନ କହିଛନ୍ତି ଆଗାମୀ ଦିନରେ ଇନ୍ଧନର ଖର୍ଚ୍ଚ ବଢ଼ିବ। ଡିଜେଲ ଓ ପେଟ୍ରୋଲର ବୃଦ୍ଧି ଭିତରେ ପେଟ୍ରୋଲ ଅଧିକ। ଏହାର କାରଣ ମଟର ସାଇକେଲ ଅଧିକା କିଣାଯାଉଛି। ଗ୍ରାମାଞ୍ଚଳରେ ମଧ୍ୟ ପେଟ୍ରୋଲର ଗ୍ରୋଥ୍ ଅଧିକ। କାରଣ, ଏବେ ସାଇକେଲଗୁଡ଼ିକ ମୋଟରସାଇକେଲ ଗୁଡ଼ିକରେ ପରିବର୍ତ୍ତିତ ହେଉଛି ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମକୁ ଏକ ବଟବୃକ୍ଷରେ ପରିଣତ କରିବା ଦରକାର। ସଂରକ୍ଷଣର ଷ୍ଟ୍ରାଟେଜି ପ୍ରଥମେ ଡ୍ରାଇଭରଙ୍କ ପାଇଁ ଅଣାଯାଉ। ଜଣେ ଡ୍ରାଇଭର ବୁଝିବା ଦରକାର, ମୁଁ ଯେତେବେଳେ ଗାଡ଼ି ସୁଇଚ ବନ୍ଦ କଲି, ସେତେବେଳେ ସେ କେବଳ ନିଜ ପାଇଁ ନୁହେଁ ଦେଶ ପାଇଁ ମଧ୍ୟ ଶକ୍ତି ସଂରକ୍ଷଣ କଲା ବୋଲି ମନରେ ଭାବନା ଆସିବା ଦରକାର । ଇଣ୍ଡିଆନ୍ ଅଏଲ୍‌ର ସିଜିଏମ୍ ପ୍ରୀତିଶ ଭରତ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ଜାନୁଆରୀ, ୨୦୧୯

# ଯୋଗ୍ୟ କିଏ ଭାବିବାକୁ ହେବ

ଭୋଟ ଭିତ୍ତିକ ରାଜନୀତି ଯୋଗୁଁ ବିକାଶ ପ୍ରକ୍ରିୟାରେ ପାତର ଅନ୍ତର ଦେଖିବାକୁ ମିଳେ। ଯେଉଁଥିପାଇଁ ସମଗ୍ର ଅଞ୍ଚଳର ବିକାଶ ପରିବର୍ତ୍ତେ ନିର୍ବାଚିତ ପ୍ରତିନିଧିମାନେ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଇଚ୍ଛା କରିଥିବା କାର୍ଯ୍ୟ ସମ୍ପାଦନ କଲାବେଳେ ସମାନତା କଥାଟି ସମ୍ପୂର୍ଣ୍ଣ ଭୁଲି ଯାଆନ୍ତି। ଫଳରେ ଯେଉଁ ମାନଙ୍କ ପାଇଁ ସୁବିଧା ସୁଯୋଗ ପ୍ରଦାନ କରାଗଲା ସେମାନେ ଖୁସି ହେଉଥିଲା ବେଳେ ଯେଉଁମାନେ ଏଥିରୁ ବଞ୍ଚିତ ସେମାନେ କ୍ଷୋଭ ପ୍ରକାଶ କରିବା ସହିତ ମନରେ ଅସନ୍ତୋଷ ରଖି ନିରବ ରହିବାକୁ ବାଧ୍ୟ ହୁଅନ୍ତି। ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ ଥିଲେ ବି ଏହି ଲୋକ ପ୍ରତିନିଧିମାନେ ପ୍ରଶାସନ ଉପରେ ଚାପ ପକାଇ ନିଜ ଲୋକଙ୍କ କାମ କରାଇ ନେଉଥିବା ବେଳେ ଅନ୍ୟମାନେ ଅଭିଯୋଗ କରୁଥିଲେ ବି ସେମାନଙ୍କ କଥାକୁ କେହି କର୍ଣ୍ଣପାତ କରନ୍ତି ନାହିଁ। ଏହ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଆଦୌ ଯଥାର୍ଥ ହୋଇ ନଥିଲେ ବି ଭୋଟ ରାଜନୀତି ବ୍ୟବସ୍ଥା ଓ ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରୁଛି। ଜନଆକ୍ରୋଶ ଅଧିକ ହେଲେ ଘଟଣା ଲୋକ ଲୋଚନକୁ ଆସେ ଏବଂ ଏ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀ ଏବଂ ଲୋକ ପ୍ରତିନିଧିମାନେ ବେଳେବେଳେ ତତ୍ପର ହୋଇ ଉଠନ୍ତି। ବର୍ତ୍ତମାନର ସ୍ୱାର୍ଥ ସର୍ବସ୍ୱ ରାଜନୀତିରେ ଲୋକଙ୍କ ମୌଳିକ ଦାବି ଅପେକ୍ଷା ଲୋକ ପ୍ରତିନିଧି ମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଅଧିକ ଦେଖିବାକୁ ମିଳୁଛି। ପ୍ରତ୍ୟେକ ସରକାରୀ ସେବାରେ ସମାନୁପାତିକ ଭାବେ ଲୋକଙ୍କୁ ସୁବିଧା ସୁଯୋଗ ମିଳିବା ବଦଳରେ ଅନ୍ୟାୟ ଭାବେ ତେଲିଆ ମୁଣ୍ଡରେ ତେଲ ଢାଳ ଘଟଣାମାନ ଘଟି ଚାଲିବା ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ସମସ୍ତେ ହୃଦୟଙ୍ଗମ କରୁଥିଲେ ବି ବ୍ୟବସ୍ଥାର ଅଳିନ୍ଦରେ ପ୍ରବେଶ କରି ଘଟଣାର ପୃଷ୍ଠଭୂମିରେ ରହୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏତେ ସହଜ କଥା ନୁହେଁ। କାରଣ 'ତୁ ଗୁହାରି କରିବୁ ଯାହାକୁ ....' ଏଭଳି ନୀତି କାର୍ଯ୍ୟକାରୀ ହେବା ଦ୍ୱାରା ବ୍ୟବସ୍ଥାର ସୁଫଳ ସମସ୍ତଙ୍କୁ ମିଳିପାରୁନାହିଁ। ଫଳରେ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାସଲ କରିବା ଲକ୍ଷ୍ୟରେ ଯେଉଁମାନେ ଲୋକ ପ୍ରତିନିଧି ହେବାକୁ ଆଖି ଭିଡ଼ୁଛନ୍ତି ସେମାନେ ଜାଣିରଖିବା ଉଚିତ୍ ଯେ, ବ୍ୟବସ୍ଥା ଜଣଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ସୁଯୋଗ ନଥିବାରୁ ସାମାଜିକ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଯେଉଁମାନେ ବଦ୍ଧପରିକର ସେମାନେ କିନ୍ତୁ ବ୍ୟବସ୍ଥା ସହିତ ସାଲିସ କରି କାର୍ଯ୍ୟ ହାସଲ କରିବାର ଅନନ୍ୟ ଫର୍ମୁଲାରୁ ବଞ୍ଚିତ ରହନ୍ତି। ଯେଉଁଥିପାଇଁ ଇଚ୍ଛା ଥିଲେ ବି ସେମାନେ କୌଣସି କ୍ଷେତ୍ରରେ ସହାୟତା ଯୋଗାଇବାର ଆନ୍ତରିକତା ଦେଖାଇଲେ ବି ଆଖିବୁଜିଆ ପଦକ୍ଷେପ ନେଇପାରନ୍ତି ନାହିଁ। ଫଳସ୍ୱରୂପ ନୀତିହୀନ ଓ ଭ୍ରଷ୍ଟ ଲୋକ ପ୍ରତିନିଧିମାନେ ବାହାବା ନେବାକୁ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ଆୟୋଜନ କରି ତା'ରି ମାଧ୍ୟମରେ ନିଜ ନିଜର ଲୋକପ୍ରିୟତାକୁ ବଢ଼ାଇବା ନିମନ୍ତେ ପ୍ଲାଟଫର୍ମ ପ୍ରସ୍ତୁତ କରନ୍ତି। ଏଥିରେ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳର କିଛି ଅସାଧୁ ଲୋକ ସହାୟତା ପ୍ରଦାନ କରିବା ସହିତ ଜଣେ ଜଣେ ସ୍ୱେଚ୍ଛାସେବୀର ଭୂମିକା ତୁଲାଉଥାନ୍ତି। ନିକଟରେ ବିଏମ୍‌ସି ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ଶେଷ ହୋଇଛି।

**ସମ୍ପାଦକୀୟ**



ତାରକ ମହାନ୍ତି

ହେଲେ ଏହି ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ କାର୍ଯ୍ୟରେ ନିରପେକ୍ଷତା ଦେଖାଇଛନ୍ତି ବୋଲି ହଲପ କରି କହିପାରିବେ କି? ଏହା କେବଳ ଗୋଟିଏ ଘଟଣା ନୁହେଁ। ସମଗ୍ର ଦେଶରେ ଏଭଳି ମାନସିକତା ଉଦ୍ରେକ ଯୋଗୁଁ ବିଧିବ୍ୟବସ୍ଥା କଳଙ୍କିତ ହୋଇପଡିବା ସହିତ ଦେଶ ରାଜନୀତି ଅପେକ୍ଷା କୂଟନୀତିର ଗୋପନ କକ୍ଷରେ ଆବଦ୍ଧ ହେବାକୁ ବାଧ୍ୟ ହେଉଛି। ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ରରେ ଜାତି, ଧର୍ମ, ବର୍ଣ୍ଣ ଆଧାରରେ ନିର୍ବାଚନ କରାଯିବା ଅସମୀଚିନ ମନେହୁଏ। ଭୋଟ ରାଜନୀତି ଯୋଗୁଁ ବ୍ୟକ୍ତି, ପରିବାର ଓ ସାମାଜିକ ସମ୍ପର୍କ ମଧ୍ୟରେ ତିକ୍ତତା ସୃଷ୍ଟିହେବା ସହିତ ଅନେକ ହିଂସାକାଣ୍ଡ ମଧ୍ୟ ଘଟିଚାଲିଛି। ନାଗରିକର ମୌଳିକ ଅଧିକାର ବଞ୍ଚିତ ହେଲା ବେଳେ ବିଦ୍ରୋହର ସ୍ୱର ଉଠିବା ସ୍ୱାଭାବିକ। ହେଲେ ଘୃଣ୍ୟ ରାଜନୀତି ଯୋଗୁଁ ବ୍ୟକ୍ତି ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି କରାଯାଇ ସେମାନଙ୍କ ଭିତରେ ବିଭେଦର ପ୍ରାଚୀର ଠିଆ କରାଯାଉଛି। ଅନେକ ସମୟରେ ଏଭଳି ବି ଦେଖାଯାଇଛି ଗୋଟିଏ ପରିବାର ମଧ୍ୟରେ ବାପା ଗୋଟିଏ ରାଜନୈତିକ ଦଳକୁ ସମର୍ଥନ କରୁଥିଲା ବେଳେ ପୁଅ, ବୋହୂ ଅନ୍ୟ ଦଳର ଝଣ୍ଡା ଧରି ପଦାକୁ ଗୋଡ କାଢୁଛନ୍ତି। ଯେଉଁଥିପାଇଁ ପରିବାର ଭିତରେ ମନୋମାଳିନ୍ୟ ହେବା ସହିତ ପାରିବାରିକ ଜୀବନ ବିଶୃଙ୍ଖଳିତ ହୋଇପଡୁଛି। ରାଜନୀତି ସେବାର ପ୍ରତୀକ ହୋଇଥିଲା ବେଳେ ଏହାକୁ ଭଲ ବ୍ୟବସାୟ ମନେ କରି ସ୍ୱାର୍ଥ ସାଧନର ଉତ୍ତମ ପନ୍ଥା ଭାବେ ଗ୍ରହଣ କରି ଯେଉଁମାନେ ଏଭଳି କରୁଛନ୍ତି ସେମାନେ ଯଶ ବଦଳରେ କେବଳ ଅପଯଶର ହକ୍‌ଦାର। କାରଣ ଗଣତନ୍ତ୍ର କେବେବି ବିଭେଦତା ସୃଷ୍ଟି କରିବା ପାଇଁ ଆରମ୍ଭ ହୋଇ ନଥିଲା। ଲୋକଙ୍କର, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ ଏହି ବ୍ୟବସ୍ଥା ନିଃସ୍ୱାର୍ଥପର ଭାବ ସମାଜକୁ ଆଗକୁ ଗତି କରିବା ପାଇଁ ପ୍ରେରଣା ଦେଇଥାଏ। ହେଲେ ଆଜିକାଲିର ଅଭିସନ୍ଧିମୂଳକ ତଥା ପ୍ରବଞ୍ଚନାବାଦ ରାଜୀନତି ଏଥିରେ କେଁ ପୁରାଉଛି। ଯେଉଁଥିପାଇଁ ଗରିବଟିଏ ଗରିବ ହୋଇ ରହୁଥିଲା ବେଳେ ଧନୀ ରାଜନେତା ଅଧିକ ଧନୀ ହେବାରେ ଲାଗିଛି। ଯେଉଁଥିପାଇଁ ରାଜନୈତିକ ବ୍ୟକ୍ତିମାନେ ଧନୀର ହେବାର ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେଲା ବେଳେ ପ୍ରତିପକ୍ଷଙ୍କୁ ମାତ୍ ଦେବା ପାଇଁ ଅନେକ ପନ୍ଥା ଅନୁସରଣ କରୁଛନ୍ତି। ତନ୍ମଧ୍ୟରେ ହିଂସା ଘଟାଇବା, ଅପପ୍ରଚାର କରିବା ଓ ଅପଦସ୍ତ କରିବା ଭଳି ଅନେକ ଘଟଣାମାନ ଘଟିବା ଦ୍ୱାରା ବେଳେ ବେଳେ ଜନସାଧାରଣ ଭୟଭୀତ ହୋଇ ସବଳ ରାଜନେତାଙ୍କୁ ଭୋଟ ଦେବାକୁ ବାଧ୍ୟ ହୋଇପଡୁଛନ୍ତି। ଏଥିରେ ତାଙ୍କର ତଥା ସମାଜର ସ୍ୱାର୍ଥ ସାଧନ ହେଉଛି କି ନାହିଁ ସେ କଥା ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। ଅନେକ ସମୟରେ ଦେଖାଯାଇଛି ନିର୍ବାଚନ ବେଳେ କୋମଳ କଥା କହୁଥିବା ରାଜନେତାମାନେ ଲୋକଙ୍କୁ ଭଦ୍ର, ମାର୍ଜିତ ଏବଂ ଆପଣାର ଭାବ ଦେଖାଇ କଥାବାର୍ତ୍ତା କରୁଥିଲା ବେଳେ ନିର୍ବାଚନ ଜିତି ନେତା ହେଲା ପରେ ତାଙ୍କ ଭିତରୁ ସତେ ଯେମିତି ମାନବିକତା ହଜିଯାଉଛି। ସଂଯମତା ହରାଇ ଏହି ଲୋକ ପ୍ରତିନିଧିମାନେ ଭୋଟରଙ୍କୁ ଅଜଣା, ଅପରିଚିତ ଭଳି ବ୍ୟବହାର ଦେଖାଇବା ସହିତ ସେମାନଙ୍କ ସମସ୍ୟା ପ୍ରତି କର୍ଣ୍ଣପାତ କରିନଥାନ୍ତି। ହେଲେ ବିଚରା ଭୋଟର ହାତରେ ସେତେବେଳକୁ ଆଉ କିଛି କ୍ଷମତା ନଥାଏ। ତେଣୁ ଅନନ୍ୟୋପାୟ ହୋଇ ସେ ଆସନ୍ତା ନିର୍ବାଚନକୁ ଅପେକ୍ଷା କରି ରହିଥାଏ। ରାଜନୀତିର ଏହି ଗୋଲକ ଧନ୍ଦା ଭିତରେ ସହଜରେ ପଶିହୁଏ ନାହିଁ। ଯେହେତୁ ଏହାଏକ ଜଟିଳ ମାର୍ଗ ସହଜ ସରଳ ମଣିଷମାନେ କୋମଳ କଥାରେ ବିଶ୍ୱାସ କରି ପରେ ବିଶ୍ୱାସଘାତର ଶିକାର ହୋଇଥାନ୍ତି। ସାମ୍ପ୍ରତିକ ସମୟରେ ନିର୍ବାଚନର ଏଭଳି ପ୍ରଚଳିତ ଧାରା ସମାଜ ଆଖିରେ ଅଙ୍ଗୁଳି ଗେଞ୍ଜୁଥିଲା ବେଳେ ପ୍ରତିବାଦ କରିବା ଲୋକ କିନ୍ତୁ ନିରବ ରହୁଛନ୍ତି। ଯାହାଫଳରେ ସାଧାରଣ ଲୋକଙ୍କ ନିରବତାର ସୁଯୋଗ ନେଇ ଅସାଧୁ ରାଜନେତାମାନେ ରାଜନୀତିକୁ କଳୁଷିତ କରି ଚାଲିଛନ୍ତି। ତେଣୁ ବର୍ତ୍ତମାନ ଆମକୁ ଭାବିବାକୁ ପଡିବ ଯେ, ସାଧାରଣ ଲୋକଙ୍କ ପ୍ରକୃତ ନେତା ହେବାକୁ ଯୋଗ୍ୟ କିଏ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନେତାଜୀ; ଇତିହାସରେ ବିରଳ ବ୍ୟକ୍ତିତ୍ୱ



ଅମିନୀଲୁ ରାୟ

*"ପିତାଃ ସ୍ୱର୍ଗ, ପିତା ଧର୍ମ, ପିତା ହିଁ ପରମ ତପଃ*
*ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ।"*

**ସେ** ସମୟରେ ପିଲାଦିନେ ଶିଖିଥିବା ଉପରୋକ୍ତ ଶ୍ଳୋକଟି ସୁଭାଷ ବୋଷଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା । ଏଥିରୁ ମାତାଙ୍କ ଅପେକ୍ଷା ପିତାଙ୍କ ମହତ୍ୱ ବେଶୀ ବୋଲି ସେ ଅନୁଭବ କରିଥିଲେ । ଯାହା ଫଳରେ ଭବିଷ୍ୟତରେ ସେ ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀର ଆଖ୍ୟା ଅର୍ଜନ କରିପାରିଥିଲେ । ୧୮୯୭, ଜାନୁୟାରୀ ୨୩ରେ ଓଡିଶାର ତତ୍କାଳୀନ ରାଜଧାନୀ କଟକରେ ଅବସ୍ଥିତ ଓଡିଆ ବଜାରରେ ତାଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ଓକିଲ ଜାନକୀନାଥ ବୋଷ ଓ ମାତାଙ୍କ ନାମ ପ୍ରଭାବତୀ ଦେବୀ । ତାଙ୍କୁ ୫ ବର୍ଷ ବୟସରେ ୧୯୦୨ରେ କଟକରେ ଥିବା ପାଦ୍ରୀମାନଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ ସ୍କୁଲରୁ ସେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ପରେ ୧୯୦୯ରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ । ଆଧାତ୍ମିକ ପ୍ରତି ତାଙ୍କର ପିଲାଟି ଦିନରୁ ଦୁର୍ବଳତା ଥିଲା । ସେ ସ୍ୱାମୀ ବିବେକାନନ୍ଦଙ୍କ ଲିଖିତ କେତୋଟି ପୁସ୍ତକ ପଢିବାର ସୁଯୋଗ ପାଇଥିଲେ । ସେଇଥିରୁ ସେ ହୃଦୟଙ୍ଗମ କଲେ ଯେ – 'ଆତ୍ମନୋ ମୋକ୍ଷାର୍ଥମ୍ ଜଗଦ୍ଧିତାୟ' ହିଁ ମନୁଷ୍ୟର ଜୀବନର ଲକ୍ଷ୍ୟ ହେବା ଉଚିତ୍ । ଅର୍ଥାତ୍ ନିଜ ଆତ୍ମାର ମୋକ୍ଷଲାଭ ପାଇଁ ଓ ଜଗତର ହିତ ସାଧନ ପାଇଁ ମନୁଷ୍ୟ କର୍ମ କରିବା ଆବଶ୍ୟକ । କାରଣ ଜଗତର ହିତ ସାଧନ ମଧ୍ୟରେ ମାନବ ଜାତିର ହିତ ସାଧନ ଅନ୍ତର୍ଭୁକ୍ତ । ପୁନଶ୍ଚ ମାନବ ଜାତିର ସେବା ମଧ୍ୟରେ ଦେଶ ସେବା ମଧ୍ୟ ନିହିତ । ଏହିସବୁ କଥା ସେ ଯେତେବେଳେ ଚିନ୍ତା କରୁଥିଲେ ତାଙ୍କୁ ସେତେବେଳେ ମାତ୍ର ୧୫ ବର୍ଷ ବୟସ ହୋଇଥିଲା । ଏହାପରେ ସେ ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଲିଖିତ କାବ୍ୟସବୁ ପାଠ କରିଥିଲେ । ପରେ ପରେ ସେ ବ୍ରହ୍ମଚର୍ଯ୍ୟ, ଧ୍ୟାନଯୋଗ, ହଠଯୋଗ ଓ ରାଜଯୋଗ ବିଷୟକ ବହିସବୁ ପଢିଥିଲେ । ଲିଙ୍ଗ ନିୟନ୍ତ୍ରଣ ପାଇଁ ବ୍ରହ୍ମଚର୍ଯ୍ୟ, କାୟା ନିୟନ୍ତ୍ରଣ ପାଇଁ ହଠଯୋଗ ଓ ମନ ନିୟନ୍ତ୍ରଣ ପାଇଁ ରାଜଯୋଗ ଉଦ୍ଦିଷ୍ଟ । ସୁଭାଷ ବୋଷ ସେଗୁଡିକୁ ବାସ୍ତବ କ୍ଷେତ୍ରରେ ସାଧନ କରିବାକୁ ଆରମ୍ଭ କଲେ । ଏସବୁ ଚିନ୍ତା, ଚର୍ଚ୍ଚା ଓ ଉଦ୍ୟମ ଫଳରେ ତାଙ୍କର ଅସଲ ପାଠ କ୍ଷତିଗ୍ରସ୍ତ ହୋଇଥିଲା । ପାଠପଢାରେ ପ୍ରବଳ ତ୍ରୁଟି ଓ ଅବହେଳା ସତ୍ତ୍ୱେ ୧୯୧୩ ମାର୍ଚ୍ଚରେ ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ସମଗ୍ର ଆସାମ, ବିହାର ଓ ଓଡିଶାରେ ସେ ୨ୟ ସ୍ଥାନ ଲାଭ କରି ଉତୀର୍ଣ୍ଣ ହୋଇଥିଲେ । ଏହି ସମୟରେ ଓଡିଶାରେ ବ୍ୟାପିଥିବା ବିସୂଚିକା ଓ ବସନ୍ତ ରୋଗୀମାନଙ୍କ ସେବାରେ ନିଜକୁ ମଧ୍ୟ ନିୟୋଜିତ କରିଥିଲେ । ସୁଭାଷ ବୋଷ ସୁଦୂର କଲିକତାରୁ ଆଇ.ଏ ପଢି ୧୯୧୫ରେ ୧ମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିଲେ ମଧ୍ୟ ୧ମ ଶ୍ରେଣୀ ନାମ ତାଲିକାରେ ତାଙ୍କ ନାମ ବହୁ ନିମ୍ନରେ ଥିବା ଦେଖି ସେ ଦୁଃଖିତ ହୋଇଥିଲେ । ବି.ଏ ପଢୁଥିବା ସମୟରେ ଛାତ୍ର ଆନ୍ଦୋଳନରେ ଯୋଗଦେଇ ଦଣ୍ଡାଦେଶ ଫଳରେ ତାଙ୍କର ୨ବର୍ଷ ନଷ୍ଟ ହୋଇଥିଲା । ଯାହାହେଉ ୧୯୧୯ରେ ସେ ଦର୍ଶନଶାସ୍ତ୍ର ଅନର୍ସ ସହ ୧ମ ଶ୍ରେଣୀରେ ୨ୟ ସ୍ଥାନ ପାଇ ସଫଳତାର ସହ ଉତୀର୍ଣ୍ଣ ହୋଇଥିଲେ । ଏହାପରେ ଆଇ. ସି.ଏସ୍ ପଢିବା ପାଇଁ ସେ ବିଲାତ ଯାଇଥିଲେ । ୧୯୨୦ରେ ଉକ୍ତ ପରୀକ୍ଷା ଦେଇ ସୁଭାଷ ବୋଷ ୪ର୍ଥ ସ୍ଥାନ ଲାଭ କରିଥିଲେ । କିନ୍ତୁ ସ୍ୱଦେଶବତ୍ସଳ ଜାତିଗତପ୍ରାଣ ସୁଭାଷ ଚନ୍ଦ୍ର ବୋଷ ଦେଶୋଦ୍ଧାରକୁ ପରମ କର୍ତ୍ତବ୍ୟ ମନେକରି ଇଣ୍ଡିଆନ୍ ସିଭିଲି ସର୍ଭିସ୍‌ର ପରମ ସୌଭାଗ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲେ । ମହାତ୍ମା ଗାନ୍ଧି ଏହି ସମୟରେ ଭାରତରେ ସ୍ୱାଧୀନତା ଲାଭ ପାଇଁ ଅସହଯୋଗ ଆନ୍ଦୋଳନ କରିବାକୁ ପ୍ରସ୍ତାବ ରଖିଥାନ୍ତି । ଏହା ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଗୃହୀତ ହୋଇଥାଏ । ସୁଭାଷ ବୋଷ ଜାହାଜରେ ବସି ବିଲାତରୁ ଭାରତ ଅଭିମୂଖେ ଯାତ୍ରା କରି ୧୯୨୧, ଅପ୍ରେଲ୍ ୧୬ରେ ବମ୍ବେରେ ପହଂଚି ସିଧାସଳଖ ଗାନ୍ଧିଜୀଙ୍କ ସହ ସାକ୍ଷାତ କରିଥିଲେ । ତାଙ୍କ ନିର୍ଦ୍ଦେଶରେ ସେ କଲିକତା ଯାଇ ସେଠାରେ ଦେଶବନ୍ଧୁ ଚିତରଂଜନ ଦାସଙ୍କ ନେତୃତ୍ୱରେ ଦେଶ କାମରେ ଯୋଗ ଦେଇଥିଲେ । ସେହି ସମୟରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବାରୁ ଚିତରଂଜନ ଦାସଙ୍କ ନେତୃତ୍ୱରେ ସୁଭାଷ ବୋଷ ଉକ୍ତ ଆନ୍ଦୋଳନରେ ଯୋଗଦେଇ ଜେଲ୍ ଯାଇଥିଲେ । ପରେ ସୁଭାଷ ବୋଷ କଲିକତା କର୍ପୋରେସନ୍‌କୁ ନିର୍ବାଚିତ ହୋଇ ଚିଫ୍ ଏଗ୍‌ଜିକ୍ୟୁଟିଭ୍ ଅଫିସର୍ ପଦରେ ଅଧିଷ୍ଠିତ ହେଲାବେଳେ ତାଙ୍କୁ ମାତ୍ର ୨୭ ବର୍ଷ ବୟସ ହୋଇଥିଲା । ଇଂରେଜ ବିରୋଧୀ ସନ୍ତ୍ରାସବାଦୀମାନଙ୍କ ସହ ସୁଭାଷ ବୋଷଙ୍କର ସଂପର୍କ ରହିଛି ବୋଲି ସଂଦେହ କରି ସରକାର ତାଙ୍କୁ ଗିରଫ କରି ବର୍ମାର ମାଣ୍ଡାଲେ ଜେଲ୍‌କୁ ପଠାଇଦେଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଗୁରୁତର ଅବନ୍ନତି ଘଟିବାରୁ ସରକାର ବାଧ୍ୟ ହୋଇ ତାଙ୍କୁ ୧୯୧୭, ମେ ୨୭ରେ ଜେଲ୍‌ରୁ ମୁକ୍ତ କରିଥିଲେ । ଏହାପରେ ପୁଣି ସୁଭାଷ ବୋଷ ଦେଶ କାମରେ ଲାଗି ପଡିଲେ । ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୩୦ ରେ ହୋଇଥିବା ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇଥିଲେ । ୧୯୩୮ ରେ ସୁଭାଷ ବୋଷ ହରିପୁରଠାରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ମନୋନୀତ ହୋଇଥିଲେ । ସେ ଚାହୁଁଥିଲେ ବଳ ପ୍ରୟୋଗ ଦ୍ୱାରା ଭାରତ ପାଇଁ ସ୍ୱାଧୀନତା ସଂଭବ, କିନ୍ତୁ ଗାନ୍ଧିଜୀ ଏହାର ସଂପୂର୍ଣ୍ଣ ବିରୋଧୀ ଥିଲେ । ତେଣୁ ସେ ୧୯୩୯ ରେ ଗାନ୍ଧିଙ୍କର ନୀତିକୁ ବିରୋଧ କରି କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିଲେ ମଧ୍ୟ ଗାନ୍ଧିବାଦୀମାନଙ୍କ ଚାପରେ ଇସ୍ତଫା ଦେଇ ସେ ଏକ ନୂଆ ଦଳ ଗଠନ କରିଥିଲେ ଓ ଯାହାର ନାଁ 'ଫରୱାର୍ଡ ବ୍ଲକ୍' ।

୨ୟ ବିଶ୍ୱଯୁଦ୍ଧ ଚାଲିଥିବାବେଳେ ସୁଭାଷ ବୋଷ ୧୯୪୧, ଜାନୁୟାରୀ ୧୬ ନିଶାର୍ଦ୍ଧରେ ଛଦ୍ମବେଶରେ ଭାରତରୁ ଆଫଗାନିସ୍ଥାନ ଚାଲିଯାଇଥିଲେ । ତା' ପରେ ଜର୍ମାନୀ ଯାତ୍ରା କରି ଜର୍ମାନୀରେ ଶାସକ ହିଟ୍‌ଲର୍‌ଙ୍କ ସହାୟତାରେ ବନ୍ଦୀ ଭାରତୀୟ ସେନାଙ୍କୁ ନେଇ 'ଆଜାଦ୍ ହିନ୍ଦ୍ ଫୌଜ' ଗଠନ କରିଥିଲେ । ପୁ'ଣି ଆଜାଦ୍ ହିନ୍ଦ୍ କେନ୍ଦ୍ର ଓ ଆଜାଦ୍ ହିନ୍ଦ୍ ବେତାର କେନ୍ଦ୍ର ଗଢିବା ପରେ ସେ ଜର୍ମାନୀରୁ ଜାପାନ ଆସିଲେ ଓ ଜାପାନ ସରକାରଙ୍କ ସହାୟତାରେ ସିଙ୍ଗାପୁରଠାରେ ଭାରତୀୟ ସ୍ୱାଧୀନ ସରକାର ପ୍ରତିଷ୍ଠା କଲେ । ଆଜାଦ୍ ହିନ୍ଦ୍ ଫୌଜ ସଂଗଠିତ କରି ଯୁଦ୍ଧ ପାଇଁ ଭାରତୀୟ ନାଗରିକମାନଙ୍କୁ ତାଲିମ୍ ଦେଲେ । ଦିଲ୍ଲୀ ଚଲୋ' ଡାକରା ଦେଇ ଭାରତ ଅଭିମୂଖେ ଯୁଦ୍ଧ ଯାତ୍ରା କରିଥିଲେ । ଭାରତ ସୀମାରେ ପ୍ରବେଶ କରି ସେମାନେ ନାଗାଲ୍ୟାଣ୍ଡ ଅନ୍ତର୍ଗତ କୋହିମା ଦଖଲ କଲେ । ଏହାପରେ ମଣିପୁର ରାଜଧାନୀ ଇମ୍ଫାଲକୁ ଘେରାଉ କଲେ ଓ ଭାରତ ମାଟିରେ ସ୍ୱାଧୀନତାର ପତାକା ଉଡାଇଥିଲେ । ଏହି ସମୟରେ ୟୁରୋପରେ ଇଂରେଜ ପ୍ରଭୃତିଙ୍କ ଦ୍ୱାରା ଜର୍ମାନୀ ପରାସ୍ତ ହୋଇଥିଲାବେଳେ ଜାପାନ ଏଥିରେ ହତାଶ ହୋଇ ସୁଭାଷ ବୋଷଙ୍କୁ ସାହାଯ୍ୟ ଦେବା ପାଇଁ ଆଉ ସମର୍ଥ ହେଲା ନାହିଁ । ଯାହା ଫଳରେ ଇଂରେଜ ସୈନ୍ୟମାନେ ବହୁ ସଂଖ୍ୟକ ସୈନ୍ୟ ନେଇ ଇମ୍ଫାଲ ଆଡକୁ ମାଡିଆସିବା ଯୋଗୁଁ ଆଜାଦ୍ ହିନ୍ଦ୍ ଫୌଜ୍ ଇମ୍ଫାଲ ଛାଡି ଫେରିଆସିଥିଲେ । ଶୁଣାଯାଏ ୧୯୪୫, ଅଗଷ୍ଟ ୧୮ ରେ ସୁଭାଷ ବୋଷ ରୁଷ୍ ଯିବା ଉଦ୍ଦେଶ୍ୟରେ ସାଇଗନ୍‌ଠାରେ ବିମାନରେ ଯାତ୍ରା କରୁଥିବା ସମୟରେ ହଠାତ୍ ଯାନ୍ତ୍ରିକ ତୃଟି ଯୋଗୁଁ ଇଂଜିନ୍‌ରୁ ନିଆଁ ବାହାରିବା ଫଳରେ ଉଡାଜାହାଜଟି ସଂପୂର୍ଣ୍ଣ ଭାବେ ଧ୍ୱଂସ ପାଇଥିଲା । ଆହତ ଅବସ୍ଥାରେ ସୁଭାଷ ବୋଷଙ୍କୁ ନିକଟସ୍ଥ ହାସ୍‌ପାତାଳକୁ ନିଆଯାଇଥିଲେ ମଧ୍ୟ ସେହିଦିନ ରାତି ୧୧ଟା ୪୦ ମି.ରେ ତାଙ୍କର ମୃତ୍ୟୁ ହୋଇଥିଲା । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ବୋଷ ଜୟହିନ୍ଦ୍ ର ଡାକରା ଦେଇଥିବାରୁ ତାଙ୍କୁ ସମସ୍ତେ 'ନେତାଜୀ' ବୋଲି ସଂବୋଧନ କରୁଥିଲେ । ତାଙ୍କର ବଳିଷ୍ଠ ପ୍ରଭାବ ଭାରତୀୟ ସେନାବାହିନୀଙ୍କ ଉପରେ ପଡିବାର ଦେଖି ଇଂରେଜ ସରକାର ବାଧ୍ୟ ହୋଇ ଭାରତ ଛାଡି ଚାଲିଯିବା ପାଇଁ ପ୍ରସ୍ତୁତ ହୋଇଥିଲେ । ଯାହା ଫଳରେ ୧୯୪୭, ଅଗଷ୍ଟ ୧୫ ରେ ଭାରତବର୍ଷ ସ୍ୱାଧୀନତା ଲାଭ କରିଥିଲା ।

*ଜଗତ୍‌ସିଂହପୁର*
*ମୋ : ୯୯୩୭୪୧୨୫୧୫*

# ଆଧ୍ୟାତ୍ମ ବିଦ୍ୟା ବିଦ୍ୟାନାମ୍



ଇଂ.ସଚ୍ଚିଦାନନ୍ଦ ନନ୍ଦ

**ଆ**ଜିକାଲି ଶିକ୍ଷା ଲାଭ କରିବାର ଆଗ୍ରହ ଓ ତାରମାତ୍ରା ବହୁ ପରିମାଣରେ ବଢ଼ି ଚାଲିଛି। ନିରକ୍ଷରତା ହାର କମି କମି ଯାଉଛି। ପାଠପଢ଼ା ଯେତେ ଖର୍ଚ୍ଚ ବହୁଳ ହେଲେ ବି ଲୋକମାନେ ତାହା ମେଣ୍ଟାଇବା ପାଇଁ ଅଧିକ ଉପାର୍ଜନ କରିବାକୁ ପଛାଉ ନାହାନ୍ତି। ଅବଶ୍ୟ ଡିଗ୍ରୀ ହାସଲ କରିବାରେ ଶିକ୍ଷା ଲାଭ ହୋଇନଥାଏ। ପ୍ରକୃତ ଶିକ୍ଷା କାହାକୁ କୁହାଯାଏ ତାହା ଛାତ୍ରଛାତ୍ରୀ କ'ଣ କେତେକ ତଥାକଥିତ ଶିକ୍ଷାବିତ୍ ମାନଙ୍କୁ ମଧ୍ୟ ପରିଷ୍କାର ଭାବେ ଜଣାନାହିଁ ଭଳି ବୋଧ ହୁଏ। ସମାଜର ଚଳଣି ଅନୁଯାୟୀ ସମସ୍ତେ ପାଠପଢ଼ି ପକାଉଛନ୍ତି ଏବଂ ସେ ପାଠକୁ ଧନାର୍ଜନରେ ଲଗାଇବା ତାଙ୍କର ଏକମାତ୍ର ଲକ୍ଷ ହୋଇ ଯାଉଛି। ସମ୍ବାଦପତ୍ର ମାନଙ୍କରୁ ଜଣା ଯାଉଛି, ଶିକ୍ଷିତ ଯୁବକମାନେ ହିଁ ବହୁ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଧନ ଅର୍ଜନ କରିବା ଯଦି ଶିକ୍ଷା ଲାଭ କରିବାର ଉଦ୍ଦେଶ୍ୟ ହୁଏ ତେବେ ଅଶିକ୍ଷିତ ଲୋକମାନେ ବି ଭଲ ପଇସା ରୋଜଗାର କରିବା ଦୃଷ୍ଟିଗୋଚର ହେଉଛି। ତାହେଲେ ଶିକ୍ଷିତ ଓ ଅଶିକ୍ଷିତ ବ୍ୟକ୍ତିମାନଙ୍କ ମଧ୍ୟରେ କି ପାର୍ଥକ୍ୟ ରହିଲା? ରହିବା ଉଚିତ ନା ନାହିଁ? ଆମ ପିଲାବେଳେ ସାରମାନେ କହୁଥିଲେ 'ଛାତ୍ରମାନେ ଗୁରୁପରାୟଣ ହୁଅନ୍ତୁ, ଗୁରୁମାନେ ଛାତ୍ର ପରାୟଣ ହୁଅନ୍ତୁ, ଉଭୟେ ବିଦ୍ୟାପରାୟଣ ହୁଅନ୍ତୁ ଏବଂ ବିଦ୍ୟା ସେବାପରାୟଣ ହେଉ।' ଆଜିକାଲି ମୂଳରୁ ସବୁକଥା ଅଶୁଦ୍ଧ ହେଲା ଭଳି ଜଣାଯାଉଛି। ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ଗୁରୁପରାୟଣ ହେଉଛନ୍ତି, ଉଚ୍ଚବିଦ୍ୟାଳୟରେ ମଧ୍ୟ କିଛି ଛାତ୍ର ଗୁରୁପରାୟଣ ରହୁଛନ୍ତି କିନ୍ତୁ ଅଧିକାଂଶଙ୍କ ଠାରେ ଗୁରୁଭକ୍ତି ହରେ ତାଉ ଗୁରୁଙ୍କ ପ୍ରତି ସମ୍ମାନ ଜ୍ଞାନ ବି ରହୁନାହିଁ। ଗୁରୁମାନେ ଛାତ୍ର ପରାୟଣ ରହିବା ସ୍ୱାଭାବିକ। ସେ ଥିରେ ମଧ୍ୟ ବ୍ୟତିକ୍ରମ ଦେଖାଦେଲାଣି। ଉଭୟେ ବିଦ୍ୟାପରାୟଣ ହେଉଛନ୍ତି କି କେଉଁ ବିଦ୍ୟାର୍ଜନ କଲେ କେତେ ଧନ ଅର୍ଜନ କରିହେବ ସେ ପରାୟଣ ହେଉଛନ୍ତି ତାହା ସମାଜର ଚଳଣିରୁ ସ୍ୱଷ୍ଟ ଜଣା ପଡ଼ିଯାଉଛି। ଶେଷ କଥାଟି ଅତି କମ୍ ଦେଖାଯାଉଛି। ବିଦ୍ୟାକୁ ସେବାରେ ଲଗାଇବା ବହୁତ କମ୍ ଦେଖାଦେଉଛି। ଯେତେ ସଂଖ୍ୟକ ଶିକ୍ଷିତ ବ୍ୟକ୍ତି ଅଛନ୍ତି ସେ ସମସ୍ତେ ଯଦି ଧନାର୍ଜନ ସହିତ ସେଥିରୁ କିଛିଟା ସେବାରେ ଲଗାନ୍ତେ, ନିଜର, ନିଜ ପରିବାରର ତଥା ଆମେ ବାସକରୁଥିବା ସମାଜର ବହୁ ଉପକାର ସାଧିତ ହୁଅନ୍ତା। ଶିକ୍ଷିତ ବ୍ୟକ୍ତିମାନେ ଏହି ଉଦାହରଣ ଦେଖାଇଲେ ଶିକ୍ଷାଲାଭ କରି ନଥିବା ଲୋକମାନେ ଏହାଦ୍ୱାରା କିଛି ପରିମାଣରେ ପ୍ରଭାବିତ ହୁଅନ୍ତେ। ସମାଜରେ ଜନ୍ମ ହୋଇଥିବା ଆମେ ସମସ୍ତେ ସମାଜ ପ୍ରତି ଋଣି। ଆମର ଅବସ୍ଥିତି, ଶିକ୍ଷାଲାଭ, ପ୍ରତିଷ୍ଠା ଲାଭ ସବୁକିଛି ସମାଜ ଯୋଗୁଁ ସମ୍ଭବ ହୋଇଛି। ସମାଜର ବହୁ ଅବଦାନ ଯୋଗୁଁ ଆମେ ଆଜି ଏହିଠାରେ ପହଞ୍ଚି ପାରିଛୁ। ସମାଜର ଏହି ଋଣ କେବଳ ସମାଜର ସେବା କରି ପରିଶୋଧ କରାଯାଇପାରିବ। ସମାଜର ସେବା କରିବା ଆମ୍ଭ ମାନଙ୍କର ନୈତିକ ଦାୟିତ୍ୱ। ବିଶେଷକରି ଶିକ୍ଷିତ ଲୋକ ମାନଙ୍କର ସମାଜ ସେବା ସହିତ ସମାଜରୁ ଫାଇଦା ଉଠାଇବା ଦ୍ୱାରା ଗୋଦର କୋଡ଼ିବା ଓ ମାଡ଼ିବା ସମାନ ହୋଇଯିବ। ଅଧିକାଂଶ ଲୋକ ଭାବନ୍ତି ଆମେ ଦେଶରୁ କେତେ ବେଶୀ ପାଇବା। ଶିକ୍ଷିତମାନେ କିନ୍ତୁ ଭାବିବା ଦରକାର, ସେମାନେ ଦେଶକୁ କ'ଣ ବା କେତେ ଦେଇପାରିବେ। ବ୍ୟକ୍ତିର ସାମାନ୍ୟ ଅବଦାନ ମଧ୍ୟ ଦେଶ ପାଇଁ ବଡ଼ ସେବା ଭାବେ ପରିଗଣିତ ହେବ। ଏଥିପାଇଁ ଦରକାର କେବଳ ଦେଶର ନିୟମ ମାନି ଚଳିବା। ସେତିକି ହେଲେ ମଧ୍ୟ ବହୁତ ବଡ଼ ସେବା ହେବ। ଏହାଠାରୁ ଆହୁରି ବଡ଼ ଦେଶସେବା ହେବ ସ୍ୱାର୍ଥ ପରତାକୁ ଛାଡ଼ିଲେ ସ୍ୱାର୍ଥକୁ ପୁରାପୁରି ଛାଡ଼ିବାକୁ କୁହାଯାଉନାହିଁ। ତାହା ତ ଜଣକୁ ମହାପୁରୁଷ କରିଦେବ। କିଛି ପରିମାଣରେ ସ୍ୱାର୍ଥ ପୂରାଣ କରାଯାଉ, କିଛି ପରିମାଣରେ ସ୍ୱାର୍ଥତ୍ୟାଗ କରାଯାଉ। ସେତିକି ଦେଶ ସେବା ବା ସମାଜ ସେବା ପାଇଁ ଯଥେଷ୍ଟ ହୁଅନ୍ତା। ସାଂସାରିକ ସ୍ୱାର୍ଥ କମାଇବା ଫଳରେ ପରମାର୍ଥିକ ସ୍ୱାର୍ଥ ଅଧିକ ଲାଭ ହୋଇଥାଏ। ପରମାର୍ଥିକ ଶାସ୍ତ୍ରରେ ବିଦ୍ୟାର ଉଦ୍ଦେଶ୍ୟ ବାବଦରେ କୁହାଯାଇଛି 'ସା ବିଦ୍ୟା ଯା ବିମୁକ୍ତୟେଂ'। ବିଦ୍ୟାବାନ ଲୋକ ସର୍ବତ୍ର ପୂଜା ପାଆନ୍ତି। ବିଦ୍ୟାଧନଙ୍କୁ ଚୋର ଚୋରି କରିପାରେନାହିଁ। ବିଦ୍ୟାର ପ୍ରକୃତ ବ୍ୟବହାର ବ୍ୟକ୍ତିକୁ ମୁକ୍ତି ପ୍ରଦାନ କରିଦେଇପାରେ। ମୁକ୍ତିଲାଭ କରିବା ପାଇଁ କୌଣସି ଭଗବାନଙ୍କର ଆଶୀର୍ବାଦ ବା ବର ଦରକାର ନାହିଁ। ପ୍ରକୃତ ବିଦ୍ୟା ହିଁ ମୁକ୍ତି ବା ମୋକ୍ଷ ଦେଇପାରେ। ତାହାକୁ ସେ ଅଧିକାର ଦିଆଯାଇଛି। ପ୍ରକୃତ ବିଦ୍ୟା ପ୍ରକୃତରେ ଅଧ୍ୟାତ୍ମ ବିଦ୍ୟା। ବିଦ୍ୟା ଦଦାତି ବିନୟମ୍। ଯେଉଁ ବିଦ୍ୟା ଲାଭ କରି ଅହଂକାର ବଢୁଛି ସେ ବିଦ୍ୟାକୁ କୁହାଯିବ ଅବିଦ୍ୟା। ଏହି ବିନୟ ଭାବ ହିଁ ମଣିଷକୁ ଅମର କରିଦେଇପାରେ। ଅମରତ୍ୱ ଲାଭ କରିବାର ଅନ୍ୟ ଏକ ଉପାୟ ଅବଶ୍ୟ ଶାସ୍ତ୍ରମାନେ ଉଲ୍ଲେଖ କରିଛନ୍ତି। 'ତ୍ୟାଗେନୈକ ଅମୃତତ୍ୱ ମାନୁଷୁ'। ତ୍ୟାଗ ବଳରେ କେବଳ ମଣିଷ ଅମରତ୍ୱ ଲାଭ କରିପାରିବ। ଏହି ତ୍ୟାଗ ମୁଖ୍ୟତଃ ସ୍ୱାର୍ଥ ତ୍ୟାଗକୁ ବୁଝାଏ। ଶିକ୍ଷା ଏ ସବୁ ଦେଉନଥିବାରୁ ଆଜିକାଲି ଶିକ୍ଷାର ଓ ଶିକ୍ଷିତ ବ୍ୟକ୍ତିଙ୍କର ପରିଣତି ଦୁଃଖଦ ହେବାରେ ଲାଗିଛି। ଜୀବିକାର୍ଜନ ପାଇଁ ଶିକ୍ଷା ଲାଭ କରାଯାଉ କିନ୍ତୁ କେବଳ ସେତିକିରେ ମଣିଷର ପରିପୂର୍ଣ୍ଣତା ମିଳି ପାରିବନାହିଁ। ଜୀବିକାର୍ଜନ ପାଇଁ ରୋଜଗାର କରାଯାଉଥିବା ସମ୍ପତ୍ତିକୁ ବ୍ୟବହାର କରି କିଛି ମହତ ଓ ଯଶ ଅର୍ଜନ କରାଯାଉ। ତାହାପୁଣି ନିଷ୍କାମ ଭାବରେ, ନିଃସ୍ୱାର୍ଥ ଭାବର ସହିତ। ଏହାଫଳରେ ତ୍ୟାଗ କରୁଥିବା ବ୍ୟକ୍ତି ଓ ସେ ତ୍ୟାଗ ଫଳରେ ଉପକୃତ ହେଉଥିବା ବ୍ୟକ୍ତି ଉଭୟ ଆନନ୍ଦ ଲାଭ କରନ୍ତି। ଅନ୍ୟ ସମସ୍ତ ପ୍ରକାର ଆନନ୍ଦ ଅପେକ୍ଷା ଏହି ତ୍ୟାଗାନନ୍ଦ ଅତୀବ ସନ୍ତୋଷଦାୟକ ଓ ଆତ୍ମସନ୍ତୋଷ ଲାଭର ସୁନିଶ୍ଚିତ ଉପାୟ। ଆତ୍ମ ସନ୍ତୋଷ ହିଁ ଆତ୍ମ ସାକ୍ଷାତ୍‌କାରର ନିକଟତମ ଅବସ୍ଥା। ଆତ୍ମ ସାକ୍ଷାତକାରର ଅନ୍ୟନାମ ମୋକ୍ଷ ବା ମୁକ୍ତି, ଯାହା ହାସଲ କରିବା ଶିକ୍ଷା ଲାଭ କରିବାର ଉଦ୍ଦେଶ୍ୟ। ଏ ପ୍ରକାର ଶିକ୍ଷା ଆଜିକାଲିର ଶିକ୍ଷାନୁଷ୍ଠାନ ମାନଙ୍କରେ ଉପଲବ୍ଧ ନୁହେଁ। ଆଜିକାଲିର ଶିକ୍ଷାନୁଷ୍ଠାନ ଗୁଡ଼ିକ ଆଧୁନିକ ସମାଜର ଚାହିଦାକୁ ଦୃଷ୍ଟି ରଖି ଚାଲିଛନ୍ତି। କିନ୍ତୁ ଭାରତୀୟ ସଂସ୍କୃତି ଓ ଆଧାତ୍ମିକତା ଦୃଷ୍ଟିରୁ ଏ ଶିକ୍ଷା ଶିକ୍ଷା ପଦବାଚ୍ୟ ହେଉନାହିଁ। ଏ ଶିକ୍ଷା ସହିତ ଆଧାତ୍ମିକ ଶିକ୍ଷା ଓ ପରମାର୍ଥିକ ଶିକ୍ଷା ମଧ୍ୟ ଆହରଣ କରାଯାଉ। ଜୀବିକାର୍ଜନ ପାଇଁ ଆହରଣ କରାଯାଉଥିବା ଶିକ୍ଷା କେବଳ ଦେହକୁ ବଞ୍ଚାଇ ଦେବ। କିନ୍ତୁ ମଣିଷ କ'ଣ କେବଳ ହାଡ଼ ମାଂସ, ରକ୍ତ ବିଶିଷ୍ଟ ଦେହଟିଏ, ତାଠାରେ ମନ, ବୁଦ୍ଧି, ଚେତନା, ହୃଦୟ ଓ ହୃଦୟରେ ଭକ୍ତି, ସ୍ନେହ, ଶ୍ରଦ୍ଧା, ସେବାଭାବ, ସୁଶ୍ରୁଷା, ଅନୁକମ୍ପା ପ୍ରଭୃତିକୁ ବଞ୍ଚାଇବା ଓ ବଢ଼ାଇବା କ'ଣ ଏହି ତଥାକଥିତ ଶିକ୍ଷା ଦ୍ୱାରା ହୋଇପାରିବ ? ଉଭୟ ପ୍ରକାରର ଶିକ୍ଷା ଦ୍ୱାରା ମଣିଷର ଉଭୟ ପ୍ରକାର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ଏହି ଉଭୟ ପ୍ରକାରର ଶିକ୍ଷା ମଣିଷକୁ ତା ଜନ୍ମ ସାର୍ଥକ କରିବା ଦିଗରେ ଆଗେଇ ନେବ। ମନେରଖିବାକୁ ହେବ, ଶିକ୍ଷା ଲାଭ କରିବାର ପ୍ରକୃଷ୍ଟ ସମୟ, ବାଲ୍ୟକାଳ। ଯଦି କୌଣସି କାରଣରୁ ତାହା ନଷ୍ଟ ହୋଇଗଲା ତେବେ ଗୋଟିଏ ଜନ୍ମ ବୃଥା ହୋଇଗଲା ବୋଲି ଜାଣିବାକୁ ହେବ। ସେଥିପାଇଁ ପିତାମାତାଙ୍କୁ ସାବଧାନ ହେବାକୁ ପଡ଼ିବ। ସଠିକ୍ ସମୟରେ ଉଚିତ ମାର୍ଗ ଅବଲମ୍ବନ କରିବାକୁ ହେବ।

*ଅଲିଶାବଜାର, କଟକ*
*ମୋ : ୯୪୩୭୫୧୧୨୩୦*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୪୦

***"ଗୁରୁଶିଷ୍ୟ ଦୁହେଁ ମେଲାଣି ହୋଇଣ ସେଠାରୁ ଚଳିଣ ଗଲେ।***
***ବାଟରେ ଯାଆନ୍ତେ ଗୋବିନ୍ଦଚନ୍ଦ୍ରଙ୍କୁ ହାଡ଼ିପା ଯେ ପୁଚ୍ଛା କଲେ ॥"***

**ପ**ରଦିନ ପ୍ରଭାତରୁ କୈବର୍ତ୍ତୀକୁ ବିଦାୟମାଗି ଗୁରୁଶିଷ୍ୟ ଦୁହେଁ ପଦଯାତ୍ରା ଆରମ୍ଭ କଲେ। ବାଟରେ ଚାଲୁଥିବା କାଳରେ ହାଡ଼ିପା କହିଲେ-ବତ୍ସ ଗୋବିନ୍ଦ,ଏବେ ତୁମ ସାଧନାର ବାରବର୍ଷ ବିତିଯାଇଛି। ଆହୁରି କେତେବର୍ଷ ପରେ ତୁମେ ସିଦ୍ଧଯୋଗୀରେ ରୂପାନ୍ତରିତହେବ,ସେଇ ଶୁଭକାଳକୁ ପ୍ରତୀକ୍ଷାକର। ଏବେ ତୁମେ ମାୟାଛାଡ଼, କାୟାଛାଡ଼। ଯେପରି ସଂସାରୀଜନର ମୃତ୍ୟୁ ଘଟିଲେ ବାରଦିବସରେ ଅତ୍ମା ମାୟାଛାଡ଼ି କାୟାଖୋଜେ, ସେହିପରି ତୁମେ ଜ୍ଞାନବଳରେ ଇହଜଗତର ମାୟାକୁ କାଟି ନିଜସ୍ୱରୂପରେ ପ୍ରବେଶକର। ତୁମ ମନରୁ ସବୁମାୟା ଦୂରେଇ ଯାଇଛି। କେବଳ ମାତାଙ୍କ ପ୍ରତି,ଗୁରୁଙ୍କପ୍ରତି ତୁମର ଦୁର୍ବଳତା ରହିଛି। ତୁମେ ଶେଷଥର ପାଇଁ ତୁମ ମାତାଙ୍କୁ ଦର୍ଶନକରି ମୋ ନିକଟକୁ ଫେରିଆସ। ତାପରେ ମୋତେ ତ୍ୟାଗକରିବାର ପଥ ଦେଖାଇଦେବି। ତୁମ ବାହୁରେ ପକ୍ଷ ଲଗାଇଦେବି। ତେଣିକି ତୁମେ ଡେଣାମେଲାଇ ସପ୍ତସିନ୍ଧୁ,ସପ୍ତଦ୍ୱୀପ, ଅନ୍ତରୀକ୍ଷରେ ବିଚରଣ କରି ପାରିବ। ପଦଯାତ୍ରା କାଳରେ ଗୁରୁଙ୍କ ଉପଦେଶ ଗ୍ରହଣକରି ଗୋବିନ୍ଦ ବାଟ ଚାଲୁଥିଲେ। ଗୁର୍ଜରଦେଶର ଉତ୍ତରପୂର୍ବ ଇଲାକାର ସମାପ୍ତି ପରେ ବଙ୍ଗଦେଶ ଆରମ୍ଭ ହୋଇଥାଏ। ଘଞ୍ଚଜଙ୍ଗଲ ଗିରିପଥରେ ଦୁହେଁ ପଦଚାଳନା କରୁଥିଲେ। ଦ୍ୱିପ୍ରହର ବେଳାରେ ରାସ୍ତାପାର୍ଶ୍ୱ ଏକ ବୌଦ୍ଧପୀଠ ଦେଖି ହାଡ଼ିପା ସେଠାରେ ଅଟକିଗଲେ। କହିଲେ ବତ୍ସ,ଏହି ସ୍ୱର୍ଗୀୟ ପରିବେଶଟି ଅତ୍ୟନ୍ତ ମନମୁଗ୍ଧକର,ଦିବ୍ୟଶାନ୍ତି ପ୍ରଦାନ କରୁଛି। ଆମେ ଏଇପୀଠରେ ସ୍ୱଳ୍ପସମୟ ବିଶ୍ରାମ ନେଇ କ୍ଷୁଧା ତୃଷ୍ଣା ମେଣ୍ଟାଇବା। ଏବେ ତୁମେ ଯାଅ,ତଥାଗତଙ୍କୁ ସାଷ୍ଟାଙ୍ଗେ ପ୍ରଣିପାତ କରି କୃପାଭିକ୍ଷା କରିବ। ତହିଁପରେ ଖାଦ୍ୟ ସଗ୍ରହକରି ଫେରିଆସିବ।

ଗୁରୁଙ୍କ ନିର୍ଦ୍ଦେଶ ପାଳନକରି ଗୋବିନ୍ଦ ତଥାଗତବୁଦ୍ଧଙ୍କ ଚରଣରେ ପଡ଼ି କୃପାଭିକ୍ଷା କଲେ। ମନୋବାଞ୍ଛା ପୂରଣ ନିମନ୍ତେ ଆକୁଳ କଣ୍ଠରେ ପ୍ରାର୍ଥନା କଲେ। ତତ୍‌ପରେ ପାହାଡ଼ ଶିଖରକୁ ଚଢ଼ି କିଛି ଫଳମୂଳ ସଂଗ୍ରହକଲେ। ଗଙ୍ଗୋତ୍ରୀ ନାମ୍ନୀ ଝରଣାର ଶୁଦ୍ଧଜଳ ଧରି ଗୁରୁଙ୍କ ନିକଟରେ ଆସି ପହଞ୍ଚିଲେ। ପ୍ରଥମେ ଗୁରୁଙ୍କୁ ଫଳ,ଜଳ ପ୍ରଦାନକରି ଶାନ୍ତ କଲେ। ବଳକା ଫଳ ନିଜେ ଭୁଞ୍ଜି ସନ୍ତୁଷ୍ଟ ହେଲେ। ମହାଦ୍ରୁମ ବଟବୃକ୍ଷମୂଳେ ବସି ହାଡ଼ିପା ଜଳପାନ କରିବା ପରେ କହିଲେ ଗୋବିନ୍ଦ,ତୁମର ବିଗତଦିନ ଓ ବର୍ତ୍ତମାନର ଯୋଗସାଧନା ଉପରେ ଯାହା ଅନୁଭବ କରିଛ,ସେ ସଂପର୍କରେ ସମ୍ୟକ ସୂଚନା ଦିଅ ! ପ୍ରତ୍ୟେକ ସାଧକ ଭକ୍ତିର ରହସ୍ୟଭେଦ କରିବା ପରେ ଜ୍ଞାନସାଗରରେ ସନ୍ତରଣ କରିବା ସହଜ ହୋଇଥାଏ। ବିଗତ ବାରବର୍ଷ ଭିତରେ କେତେଦୂର ଊର୍ଦ୍ଧ୍ୱଗତି କରିପାରିଛ,ତାହାର ସଂକ୍ଷିପ୍ତ ବିବରଣୀ ତୁମ ମୁଖରୁ ଶୁଣିବାପରେ ତୁମେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନିମନ୍ତେ ରାସ୍ତା ବତାଇବି।


ଗୁରୁଙ୍କ ବଚନ ଶ୍ରବଣକରି ଗୋବିନ୍ଦ କରଯୋଡ଼ି କହିଲେ-ପୂଜ୍ୟ ଗୁରୁଦେବ,ବିଗତ ଦିନର କଷ୍ଟପଦ ସାଧନା ଏବେ ଫୁଲପରି ଅନୁଭବ ହେଉଛି। ଶରୀର ସହିତ ସଂପର୍କ ବିଚ୍ଛିନ୍ନ ହୋଇପଡ଼ିଛି। ଲାଉତୁମ୍ବା ଘଷି ଘଷି ଆଉମାତ୍ର ଏକଅଙ୍ଗୁଳି ରହିଛି। ଦେହ,ମନରେ କୌଣସି ପ୍ରକାର କ୍ଷୁଧା ଜାତ ହେଉ ନାହିଁ। ନିଶ୍ଚଳ ଯୋଗକାଳରେ ଶରୀରକୁ ଯଥାସ୍ଥାନରେ ରଖି ଅନ୍ତରୀକ୍ଷର ଶାନ୍ତ ଇଲାକାରେ ବୁଲି ପାରୁଛି। ନବଗ୍ରହ ସହିତେ ଆହୁରି ଅନେକ ଗ୍ରହାଣୁପୁଞ୍ଜମାନଙ୍କୁ ନିକଟରୁ ଦେଖିପାରୁଛି। ମଙ୍ଗଳଗ୍ରହଙ୍କୁ ପ୍ରଣିପାତ କରି ସେଇ ନିସ୍ତବ୍ଧ ଭୂଖଣ୍ଡରେ ଭ୍ରମଣ କରିପାରୁଛି। କ୍ଷୁଧା,ତୃଷ୍ଣା ନାମକୁ ମାତ୍ରରେ ପହଞ୍ଚି ଯାଇଛି। ଭକ୍ତି,ଜ୍ଞାନ,କର୍ମର ରହସ୍ୟଭେଦ କରିବା ପରେ ମୋ ନିକଟରେ ସମସ୍ତ ଜାଗତିକବସ୍ତୁ ଠୁଳ ହେବାପରି ବୋଧହେଉଛି। ଏପରି ଅନୁଭବ ହେଉଛି ସତେଯେପରି ମହାମାୟା ସ୍ୱବିଭୂତିରେ ପରିପୂର୍ଣ୍ଣ ହୋଇ ମୋତେ ତୋଳି ନେଉଛନ୍ତି ! ଏହାପରେ ମୋତେ ଆଉ ଯାହା କରିବାକୁ ପଡ଼ିବ ଦୟାକରି ପଥପ୍ରଦର୍ଶନ କଲେ କୃତାର୍ଥ ହେବି।

ଶିଷ୍ୟଗୋବିନ୍ଦର ବିନମ୍ର ନିବେଦନ ଶ୍ରବଣକରି ହାଡ଼ିପା କହିଲେ-ବତ୍ସ,ତୁମ ମନ ଓ ଶରୀରରେ ସାମାନ୍ୟକ୍ଷୁଧା ଥିବାପର୍ଯ୍ୟନ୍ତ ତୁମେ ସଂପୂର୍ଣ୍ଣ ମାୟାମୁକ୍ତ ହୋଇପାରିବ ନାହିଁ। ମହାମାୟା ତୁମ ନିକଟରେ ଯେଉଁ ଜାଗତିକବସ୍ତୁ ଠୁଳ କରିବା ପରି ବୋଧହେଉଛି,ତାହା କେବଳ ପରୀକ୍ଷଣ। ଅମରତ୍ୱପ୍ରାପ୍ତ ସାଧକର ଜଗତରେଥିବା ସର୍ବସମ୍ପଦରେ ଅଧିକାର ରହିଛି। ମାତ୍ର ସାମାନ୍ୟ ବାଲିରେଣୁ ଗ୍ରହଣ କରିବା ପାଇଁ ଶୁଦ୍ଧଆତ୍ମା ଇଚ୍ଛା କରେ ନାହିଁ। ତୁମେ ଜାଣିରଖ ଏହିଭଳି କେତେ ଯାଚଞ୍ଚା ତୁମ ସମ୍ମୁଖରେ ଆସି ପହଞ୍ଚିବ। ତୁମେ ଜଳବାୟୁ ବ୍ୟତିରେକେ ଅନ୍ୟ କିଛି ଇଚ୍ଛାକର ନାହିଁ। ତୁମେ ଯୋଗର ଗଭୀରତମ ଇଲାକାରେ ଏକାକୀ ଭ୍ରମଣ କରିପାରୁଛ ଜାଣି ବହୁ ଆନନ୍ଦିତ ହେଲି। ପୂର୍ବେ ଯେପରି ହସକାନ୍ଦର ଦୁନିଆରେ ମଜ୍ଜିଯାଇ ମାୟାମହଲରେ ରାଜାରଭୂମିକା ନିଭାଇ ଆନନ୍ଦପ୍ରାପ୍ତ ହେଉଥିଲ,ସେହିପରି ଏବେ ତୁମେ ଐଶ୍ୱରୀକ ଜଗତରେ ପରମାନନ୍ଦମୟ ହସକାନ୍ଦରଲୀଳା ଆରମ୍ଭ କରିବ। ଯୋଗଯୁକ୍ତ ଯୋଗୀ ନିରାକାରନାଥଙ୍କୁ ଦର୍ଶନକରି କେତେବେଳେ ଆନନ୍ଦାଶ୍ରୁ ଗଡ଼ାଇ ପିନ୍ଧାବସ୍ତ୍ର ଓଦା କରିଦିଏ ତ ପୁଣିକେବେ ହସିହସି ବେଦମ୍ ହୋଇଯାଏ ! ଭଗବତଦର୍ଶନ ପଥରେ ଏପରି ସୁଖଦୁଃଖ,ହସକାନ୍ଦ ଅବସ୍ଥା ଆସିଗଲେ ମହାମାୟା ଭକ୍ତକୁ ତୋଳିନିଅନ୍ତି ! ଯେପରି ସଦ୍ୟଭୂମିଷ୍ଠ ଶିଶୁ ମା' ମା'ଡାକି କାନ୍ଦିଲେ ମା'ଆସି ତୋଳିଧରିଥାଏ,ସେହିପରି ତୁମେ ଅଜ୍ଞାନଶିଶୁ ଭଳି ମହାମାୟାଙ୍କୁ କାନ୍ଦି କାନ୍ଦି ଡାକ। ମହାମାୟା ଅବଶ୍ୟ ତୋଳିନେବେ ! ତୁମେ ଅତୀତକୁ ସ୍ମରଣକର ଗୋବିନ୍ଦ। ଯେଉଁ ବିଳାସବସ୍ତୁ ତୁମକୁ ଆନନ୍ଦ ଦେଉଥିଲେ,ସେହି ବିଳାସବ୍ୟସନ ଗ୍ରହଣ କରିବା ପାଇଁ ତୁମେ ଏବେ ଆଦୌ ଇଚ୍ଛାକରୁ ନାହଁ କାହିଁକି ! ତୁମେ ସେଇ ଯୁବରାଜ ଗୋବିନ୍ଦଚନ୍ଦ୍ର। ମାୟାକୁ ଚିହ୍ନି ମାୟାବସ୍ତୁ ସବୁ ବର୍ଜ୍ୟବସ୍ତୁ ପରି ଫୋପାଡ଼ି ଦେଇଛ ! ଉର୍ଦ୍ଧ୍ୱଗାମୀ ସ୍ଥିତିରେ ଥାଇ ପରମାନନ୍ଦର ମଜା ଅନୁଭବ ନହେବା ଯାଏଁ ଜାଗତିକସୁଖ ଅତି ମଧୁର ମନେହୁଏ। ଯେପରି ପତଙ୍ଗ ଅଗ୍ନିର ଆକର୍ଷଣରେ ଆସି ଅଗ୍ନିର ଲେଲିହାନ ଶିଖାକୁ ଚୁମ୍ବିବାମାତ୍ରେ ବଳି ପଡ଼ିଥାଏ,ସେହିପରି ଜାଗତିକ ମାୟାଯୁକ୍ତ ମନୁଷ୍ୟ ଜଗତଅଗ୍ନିରେ ଝାସ ଦେଇଥାନ୍ତି ! ପୂର୍ବେ ତୁମ ମନରେ ଆଧ୍ୟାତ୍ମଜଗତ ଦୃଶ୍ୟମାନ ହେଉ ନ ଥିବାରୁ ଇହଜଗତ ତ୍ୟାଗ କରିବା ପାଇଁ ଇଚ୍ଛା କରୁ ନଥିଲ। ଏବେ ତୁମେ ସଂସାରଛାଡ଼ି ଈଶ୍ୱରଙ୍କ ରାଜ୍ୟରେ ବିଚରଣ କରୁଥିବାରୁ ଇହଜଗତ ତୁମକୁ ପ୍ରହେଳିକା ପରି ବୋଧହେଉଛି !

**ହରି ଓଁ ତତସତ୍ !**

*ଦୂରଭାଷ-୯୭୬୮୭୩୧୨୫୭*

# ଗଛ ଡାଳରେ ଶବ



ଯୋଗେନ୍ଦ୍ର କୁମାର ନାୟକ

କେହି ଦେଖିନି
ଭିତରେ ଭିତରେ କେମିତି
ଲମ୍ବି ଯାଉଛି ଚେର
ମେଲି ଯାଉଛି ଡାଳପତ୍ର
ଫୁଲରେ ଫଳରେ ଶୃଙ୍ଗାର।

ଗଛଡାଳରେ ବସା ବାନ୍ଧି
କେତେବେଳେ ଉଡିଯାଏ ପକ୍ଷୀ
ଲିଭି ଲିଭି ଯାଉଥାଏ ଚିତ୍ର
ହଜି ହଜି ଯାଉଥାଏ
ସ୍ମୃତିର ମହକିତ ଉପବନ।

ବିନ୍ଦୁଏ କାକର ଭିତରେ ଦୋହଲୁଥାଏ
ସାତରଙ୍ଗର ସ୍ୱପ୍ନ
ଝଟକୁଥାଏ ସୂର୍ଯ୍ୟ ଆଉ ସକାଳ।

ସାହା କେବଳ ଥିଲା ଯାହା
କେରାଏ ଦୂବଘାସ
ଅରାଏ ଆସ୍ଥ ବିଶ୍ୱାସ

ରଙ୍ଗୀନ ପ୍ରଜାପତିର
କାଚକାନ୍ଥର ଆରପାଖେ
ଜଳି ଯାଉଥିବା ସ୍ୱପ୍ନଙ୍କର
ନୀରବ ହାହାକାର।

ଆ...ହା... କେଡ଼େ ନିରୀହ ସତେ
କାଲିର ଭରସା ଟିକକ
ଆଜକୁ ମଉଳା ଫୁଲ।

ଭାସି ଭାସି ଯାଉଥିବା
ପାଣି ଫୋଟକା ଦେହରେ
ସେ ମୁହଁ ଦେଖୁଥାଏ
ତା ଉଦାସି ଡେଣାର ଆକୁଳତା
ତା ସ୍ୱପ୍ନ ବିଭୋର ମନ
ତରଳି ଯାଆନ୍ତିକି
ତା ଉଷୁମ ନିଃଶ୍ୱାସରେ
ଆକାଶ ଓ ଚଟାଣ।

ଝାଳ ସରସର କପାଳକୁ ନେଇ
ସେ ହସୁଥାଏ ଜହ୍ନର ଶୁଖିଲା ଓଠରେ
ବିଛୁରିତ ଜ୍ୟୋସ୍ନାରୁ ଝରିପଡ଼େ
କଦମ୍ବର କୁଟିଳ ହସ
ଗାଢ଼ ହେଇ ଆସୁଥିବା ପ୍ରବଣତା
ଅନ୍ଧାର କଳା ମଚମଚ।

ସକାଳକୁ ଇତିହାସ ହେଇ
ଝୁଲୁଥାଏ ଗଛ ଡାଳରେ ଶବ।

**ଅନୁଶାସନ ସଚିବ, ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ, ରାଜ୍ୟ ସଚିବାଳୟ**
**ଭୁବନେଶ୍ୱର-୧**
**ମୋ : ୯୪୩୭୩୦୧୫୨୭**

# ନବ ଦିଗନ୍ତ



ନୃସିଂହ ଚରଣ ବେହେରା

***ମଣିଷ ତା' ସାରା ଜୀବନ କିଛି ନା' କିଛି ଦୁଃଖ ଯନ୍ତ୍ରଣା ଭୋଗି ଥାଏ । କିଛି ଲୋକ ସେହି ଦୁଃଖ କଷ୍ଟ ଆଗରେ ହାର ମାନି ନେଇ ଅମେରୁଦଣ୍ଡ ପ୍ରାଣୀଟିଏ ଭଳି ଜୀବନକୁ ଜୀଇଁଥାନ୍ତି ତ ଆଉ କିଛି ଲୋକ..ପରିସ୍ଥିତି ଆଗରେ ହାର ନ ମାନି ସଂଗ୍ରାମ କରିଚାଲିଥାନ୍ତି ଅହରହ..ଆଉ ସମାଜରେ ସୃଷ୍ଟି କରନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ ଆଉ ଅନ୍ୟମାନଙ୍କ ପାଇଁ ସାଜନ୍ତି "ନବ ଦିଗନ୍ତ.."***

ଓହୋଃ ! ଆଜି ରବିବାରର ସକାଳଟା ଯେ ସୁଚେତାକୁ ତା' ଅତୀତକୁ ଫେରାଇ ନେବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା । ଓଃ ! ତା' ଅତୀତ..ଯେତିକି କ୍ଲିଷ୍ଟ ସେତିକି ସଂଘର୍ଷ ମୟ । ଆଜି ତା' ସାମ୍ନାରେ ବସିଥିବା ଝିଅଟି ଭିତରେ ସତେ ଯେମିତି ସେ ତିରିଶ ବର୍ଷ ତଳର ସୁଚେତାକୁ ଖୋଜୁଛି । ବିଚାରୀ ଝିଅଟି ସାତ ମାସର ଅନ୍ତସତ୍ତ୍ୱା..ଆଉ ସେ ଡିଭୋର୍ସ ନେବାକୁ ଚାହୁଁଛି ତା' ସ୍ୱାମୀଠାରୁ । କାରଣ ତା' ସ୍ୱାମୀର ଭାବ ବିହୀନ ବ୍ୟବହାର ଯାହାକୁ ସେ ସହି ଆସିଛି ଗତ ତିନି ବର୍ଷ ହେଲା । ହେଲେ କ'ଣ କହି ବୁଝେଇବ ସେ ସେହି ନୀରିହ ଝିଅ ପ୍ରାଚୀକୁ । ସେ ତିରିଶ ବର୍ଷ ତଳେ ଯେଉଁ ପରିସ୍ଥିତିରେ ଥିଲା ଆଜି ପ୍ରାଚୀ ସେହି ସ୍ଥିତିରେ । ପ୍ରାଚୀକୁ କ'ଣ କହିବ ଭାବୁ ଭାବୁ ଅନ୍ୟମନସ୍କ ହୋଇ ପଡିଲା ସୁଚେତା ଆଉ ଫେରିଗଲା ତା' ଅତୀତକୁ ।

ଆଜକୁ ପ୍ରାୟ ତିରିଶ ବର୍ଷ ତଳେ ବହୁତ ଧୁମ୍ ଧାମ୍‌ରେ ଅନୁଷ୍ଠିତ ହୋଇଥିଲା ସୁଚେତା ଆଉ ସମ୍ବିତଙ୍କର ବିବାହ । ଦୁହେଁ ଥିଲେ ଶିକ୍ଷିତ ଆଉ ମଧ୍ୟବିତ୍ତ ପରିବାରର । ହେଲେ ସମ୍ବିତଙ୍କର ବାପାଙ୍କୁ ଆଖପାଖ ଅଞ୍ଚଳର ଲୋକମାନେ ଖୁବ ମାନ୍ୟ କରନ୍ତି । ସେ ତାଙ୍କର ସାମାଜିକ ସ୍ଥିତିକୁ ଦେଖି ମନଲାଖି କରିଥିଲେ ପୁଅର ବିବାହକୁ । ସେ ଜଣେ ସମାଜସେବୀ..ଆଉ ପୁଅ ତାଙ୍କର ଯେପରି ନିଜକୁ ନ୍ୟୁନ ନ ଭାବିବ.. ସେଥିପ୍ରତି ଯଥା ସମ୍ଭବ ଚେଷ୍ଟା କରିଥିଲେ ସେ । ଆଉ ସମ୍ବିତ..ଦେଖିବାକୁ ସୁଦର୍ଶନ ଯୁବକ..ପାଠ ପଢାରେ ଧୁରୀଣ ଆଉ ଜଣେ ସୁବକ୍ତା ଭାବରେ ସମାଜରେ ତାଙ୍କର ଖ୍ୟାତି ଅନେକ । ସେ ଜଣେ 'ବିହେବିହରାଲ ସାଇଣ୍ଟିଷ୍ଟ'ଭାବରେ ବେଶ୍ ଜଣାଶୁଣା ।

ସୁଚେତା ସବୁ ନବବଧୂଙ୍କ ପରି ମନରେ ଅନେକ ଆଶା ଓ ଆକାଂକ୍ଷାକୁ ନେଇ ପାଦ ଥାପିଥିଲା ଶାଶୁ ଘରେ । ଏତେ ଭଲ ଶାଶୁ,ଶଶୁର,ସ୍ୱାମୀଙ୍କୁ ପାଇ ସେ ଉଡୁଥିଲା ଖୋଲା ଆକାଶରେ । ହେଲେ ବାହାଘର ପନ୍ଦର ଦିନ ନ ପୁରୁଣୁ ତା'ର ସବୁ ଆଶା ଆଉ ସ୍ୱପ୍ନ ହୋଇ ଯାଇଥିଲା ଧୂଳିସାତ । କାହିଁକିନା..ସମ୍ବିତ ଜଣେ 'ବିହେବିହରାଲ ସାଇଣ୍ଟିଷ୍ଟ' ହେଲେ କ'ଣ ହେବ..ତାଙ୍କ ଆଚରଣ ଆଉ ଉଚ୍ଚାରଣରେ ଥିଲା ଆକାଶ ପାତାଳର ପାର୍ଥକ୍ୟ । ତେଣୁ ଆରମ୍ଭ ହୋଇଗଲା ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କ ଭିତରେ ମତାନ୍ତର । ସେ ଦୁହିଁଙ୍କର ଚାଲିଚଳନ ଓ ରଙ୍ଗ ଢଙ୍ଗ ଦେଖି ପରିବାର ଲୋକ ବ୍ୟସ୍ତ ହୋଇ ପଡୁଥିଲେ । ହେଲେ ମନେ ମେନ ଭାବୁଥିଲେ ଏବେ ନହେଲେ ନାଇଁ..ପିଲାପିଲି ହୋଇଗଲେ ଦୁହେଁ ନିଶ୍ଚୟ ବଦଳି ଯିବେ । ସତକୁ ସତ ଯେତେବେଳେ ବିବାହର ଦୁଇ ବର୍ଷପରେ ସୁଚେତାର କୋଳକୁ ପୁଅଟିଏ ଆସିଲା..ତା'ର କୁଆଁ କୁଆଁ କାନ୍ଦରେ ତାଙ୍କ ଭିତରର ମତାନ୍ତର କିଛି ସମୟ ପାଇଁ ବନ୍ଦ ହୋଇଗଲା । ପାଖାପାଖି ପୁଅ ଜନ୍ମର ଦୁଇ ବର୍ଷ ପର୍ଯ୍ୟନ୍ତ ସବୁ ଠିକ୍ ଠାକ୍ ଚାଲିଥିଲା । ହେଲେ କଥାରେ ନାହିଁ.., 'ମଣିଷ ପ୍ରକୃତି ମଲେ ତୁଟେ' । ତେଣୁ ପୁଣି ସେମାନଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ବିବାଦ । ବନ୍ଧୁବାନ୍ଧବ,ସାଇ ପଡିଶା..ସମସ୍ତଙ୍କର ଚେଷ୍ଟା ବିଫଳ ହୋଇଗଲା । ସେତିକି ବେଳେ ସୁଚେତା ଗର୍ଭବତୀ ଥିଲା । ହେଲେ ସମ୍ବିତଙ୍କର ବ୍ୟବହାର ତା' ପାଇଁ ବହୁତ କଷ୍ଟଦାୟକ ଥିଲା । ଦିନକୁ ଦିନ ତାଙ୍କ ସହିତ ଚଳିବା ଅସମ୍ଭବ ହୋଇଗଲା ସୁଚେଦତା ପାଇଁ । ଏମିତି ଦିନେ କଥା ହେଉ ହେଉ ସୁଚେତା କହିଦେଲା, "ଜଣେ ବିହେବିହରାଲ ସାଇଣ୍ଟିଷ୍ଟ ହୋଇ ଯିଏ ନିଜର ବ୍ୟବହାର ଠିକ୍ କରି ପାରେନା..କାହା ସହିତ କେମିତି ବ୍ୟବହାର କରିବାକୁ ହୁଏ ଜାଣେନା..ସେ ଯେତେ ପାଠ ପଢିଲେ ବି ସେ ପାଠର ମୂଲ୍ୟ କ'ଣ ? ଦେଖ ତୁମ ସହିତ ଏକାଠି ଚଳିବାଟା ଏବେ ମୋ ପକ୍ଷେ ଅସମ୍ଭବ । ତେଣୁ ମୁଁ ମୋ ପୁଅକୁ ନେଇ ମୋ ବାପଘରକୁ ଯାଉଛି କହି ସୁଚେତା ଶାଶୁଘର ଛାଡି ଚାଲି ଆସିଲା ବାପଘରକୁ ।"

ଶାଶୁଘର ଛାଡି ଆସିବାର ଚାରିମାସ ପରେ ଝିଅଟିଏ ଜନ୍ମ ହେଲା ସୁଚେତାର । ସେହି ଝିଅକୁ ଦେଖି ତା' ବାପା,ମା,ଭାଇ,ଭାଉଜ ସମସ୍ତେ କହିଲେ, 'ଏଥର ଘରକୁ ଲକ୍ଷ୍ମୀ' ଆସିଗଲେ । ସମସ୍ତେ ଭାବିଥିଲେ ଝିଅ ଜନ୍ମ ହେବା ଖବର ଶୁଣି ଖୁସିରେ ସମ୍ବିତ ଆସିବେ ସୁଚେତାକୁ ଆଉ ଝିଅକୁ ଦେଖିବାକୁ । ହେଲେ ହାଏରେ ତା' ଫଟା କପାଳ..,ସମ୍ବିତ ଝିଅକୁ ଦେଖିବାକୁ କ'ଣ ଆସିବେ..! ସେ ନ ଆସି ବରଂ ବିବାହ ବିଚ୍ଛେଦ ନୋଟିସ୍ ପଠେଇଦେଲେ ।

ହଠାତ୍ ଯେମିତି ବଜ୍ର ପଡିଲା ସୁଚେତା ପାଇଁ । ସେ ବି ଚାହୁଁ ନଥିଲା ସମ୍ବିତଙ୍କ ସହିତ ରହିବାକୁ । ହେଲେ..ସେ କ'ଣ ଏକୁଟିଆ ଦୁଇ ଛୁଆଙ୍କ ଦାଇତ୍ୱ ତୁଲାଇ ପାରିବ.. ? ଏମିତି କେତେ କ'ଣ ଭାବି ଭାବି ସେ ନିଜକୁ ଦୃଢ କଲା । ପରିସ୍ଥିତିର ସାମ୍ନା କରିବାକୁ । ଅଳ୍ପ କେଇଦିନ ପରେ ଆପୋଷ ବୁଝାମଣାରେ ସେମାନେ ଅଲଗା ହୋଇଗଲେ ପରସ୍ପରଠୁ । ଆଉ ପିଲା ଦୁଇଟି ଛୋଟ ଥିବାରୁ ରହିଲେ ମା' ପାଖରେ ।

ବିବାହ ବିଚ୍ଛେଦର ଛଅ ମାସ ପରେ ଦିନେ ସୁଚେତା ଭାବିଲା ଆଉ ଏମିତି କେତେ ଦିନ ଏମିତି ବାପା-ମା'..ଭାଇ,ଭାଉଜଙ୍କ ଉପରେ ବୋଝ ହୋଇ ରହିବ ସେ ? ତା'ବାପ ଘରେ କିଛି ଅଭାବ ନାହିଁ ସତ.. ହେଲେ ସେ ଏକୁଟିଆ ହୋଇଥିଲେ ସିନା ଗୋଟେ କଥା ହୋଇଥାନ୍ତା..ହେଲେ ତା' ସହିତ ଛୁଆ ଦୁଇଟି ଅଛନ୍ତି. . ସେମାନଙ୍କର ଖର୍ଚ୍ଚ ଦିନକୁ ଦିନ ବଢିବ । ବାପା,ମା,ଭାଇ,ଭାଉଜ କେତେ କରିବେ ? ସେ କାହା ଅଧୀନରେ ଚାକିରୀ କରିବାଟାକୁ ପସନ୍ଦ କରୁନଥିଲା । ତେଣୁ ସେ କିଛି ବିଜିନେସ୍ କରିବାକୁ ଠିକ୍ କଲା । ତା' ବାପା, ମା'ଙ୍କ ବାରଣ ସତ୍ତ୍ୱେ ନିଜ ଜମା ପୁଞ୍ଜିରେ ପାଖ ସହରକୁ ଯାଇ ଛୋଟ ବ୍ୟବସାୟଟିଏ ଆରମ୍ଭ କଲା ରେଡିମେଡ ପୋଷାକର । ବିଭିନ୍ନ ନାମୀ ଦାମୀ କମ୍ପାନୀ ସହିତ ଯୋଗାଯୋଗ କରି ନିଜର ବ୍ୟବସାୟ ଚଳାଇଲା । କାରବାର ବି ଠିକ୍ ଠାକ୍ ଚାଲିଲା । ପ୍ରଥମ ବର୍ଷେ ଦୁଇବର୍ଷ ବିଶେଷ ଲାଭ ନ ହେଲେ ବି କ୍ଷତି ବି ହେଲାନି । ସେ ଆତ୍ମ ବିଶ୍ୱାସର ସହିତ କଠିନ ପରିଶ୍ରମ କରି ବ୍ୟବସାୟ କରି ଭଲ ଦି ପଇସା ରୋଜଗାର କଲା । ବ୍ୟାଙ୍କରୁ ବି ଋଣ ଆଣିଲା ବ୍ୟବସାୟ ବଢେଇବା ପାଇଁ ।

ପୁଅ ସୌରଭ ଆଉ ଝିଅ ସମିତା ଦୁହେଁ ମା'ର ଅସହାୟ ଅବସ୍ଥାକୁ ବୁଝୁଥିଲେ । ତେଣୁ ସେମାନେ ପାଠ ପଢାରେ ନିଜର ପୁରା ଧ୍ୟାନ ଦେଉଥିଲେ । ଧୀରେ ଧୀରେ ସମୟ ବିତିବାକୁ ଲାଗିଲା । ଝିଅ ସମିତାର ବିବାହ ତା' ମନ ପସନ୍ଦର ପିଲା ସହିତ କରେଇ ଦେଲା । ପୁଅ ସୌରଭ ପାଠ ପଢା ସାରି ମା' ସହିତ ବ୍ୟବସାୟରେ ଯୋଗ ଦେଲା ।

ବ୍ୟବସାୟ ଧୀରେ ଧୀରେ ବଢିବାକୁ ଲାଗିଲା । ତାଙ୍କ ପାଖରେ ଏବେ ଦଶ ଜଣ ଲୋକ ଚାକିରୀ କଲେଣି । ସବୁ ସମୟରେ ସୁଚେତାକୁ ବ୍ୟାଙ୍କ ସାହାଯ୍ୟ କରୁଥାଏ । ଏମିତି ଦିନେ ବ୍ୟବସାୟ ବିଷୟରେ ସୁଚେଦତା ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଆଲୋଚନା କରୁ କରୁ ମ୍ୟାନେଜର ଗୋଟିଏ ପ୍ରସ୍ତାବ ଦେଲେ । ସେ ସୁଚେତାକୁ କହିଲେ,ସବୁବେଳେ ଅନ୍ୟ କମ୍ପାନୀର ଉତ୍ପାଦନକୁ ବିକ୍ରି ନ କରି ବରଂ ନିଜର ବ୍ରାଣ୍ଡ ନାଁରେ ଜିନିଷ ତିଆରି କରି ବିକିବାକୁ । ଏପରି କଲେ ଅନ୍ୟମାନଙ୍କ ପରି ରେଡି ମେଡ ଗାର୍ମେଣ୍ଟର ବଜାରରେ ନିଜକୁ ପ୍ରତିଷ୍ଠିତ କରାଇ ପାରିବେ..ଆଉ ନିଜ ଆୟକୁ ବଢାଇବା ସହିତ ଆଉ କିଛି ଲୋକଙ୍କୁ ମଧ୍ୟ ରୋଜଗାର ଯୋଗାଇ ପାରିବେ । ପ୍ରସ୍ତାବଟି ସୁଚେତାକୁ ପସନ୍ଦ ହେଲା । ହେଲେ ବାଧକ ଥିଲା ତ କେବଳ ଅର୍ଥର..! ହେଲେ ବ୍ୟାଙ୍କ ମ୍ୟାନେଜର ତା'ର ଦ୍ୱନ୍ଦକୁ ବୁଝି ପାରି କହିଲେ, "ମ୍ୟାଡାମ୍,ଆପଣ ଅର୍ଥ ବିଷୟରେ ଆଦୌ ଚିନ୍ତା କରନ୍ତୁ ନାହିଁ । ଆପଣଙ୍କ ବ୍ୟବସାୟକୁ ବଢାଇବାରେ ଆମ ବ୍ୟାଙ୍କ ଆପଣଙ୍କୁ ସହାୟତା ଯୋଗାଇ ଦେବ ।"

ଏହା ଶୁଣି ଟିକେ ଆଶ୍ୱସ୍ତ ହେଲା ସୁଚେତା । ତା'ପରେ ସେ ଲାଗି ପଡିଲା ତା' ଯୋଜନାକୁ ନୂତନ ରୂପରେଖ ଦେବାକୁ । ବହୁତ ରିସର୍ଚ୍ଚ କଲା ପରେ ସେ ନିଜେ ଗୋଟିଏ ସଂସ୍ଥା ଖୋଲି ପୋଷାକ ତିଆରି କରିବାରେ ଲାଗି ପଡିଲା । ଏଥିପାଇଁ ସେ ବିଭିନ୍ନ ପତ୍ର ପତ୍ରିକା, ଇଣ୍ଟରନେଟ୍‌ରୁ ବିଭିନ୍ନ ପ୍ରକାରର ପୋଷାକ ତିଆରି ବିଷୟରେ ଜ୍ଞାନ ମଧ୍ୟ ଆହରଣ କଲା । ତା' ବ୍ରାଣ୍ଡର ନା' ହେଲା "ଉନ୍ନତି ଓୟାର.."। ଦିନ କେଇଟାରେ ସୁଚେତାର ବ୍ରାଣ୍ଡ ଚହଳ ପକେଇଲା ବଜାରରେ । ଯୁବ ପିଢୀଙ୍କ ଭିତରେ ପ୍ରଥମ ପସନ୍ଦ ହେଲା "ଉନ୍ନତି ଓୟାରର" ଡ୍ରେସ୍ ।

ଧୀରେ ଧୀରେ ବ୍ୟବସାୟ ବଢିବା ସହିତ ରୋଜଗାର ମଧ୍ୟ ଭଲ ହେବାକୁ ଲାଗିଲା । ଅର୍ଥ ଆସିବାରୁ ସୁଚେତା ସେହି ସହରରେ ନିଜର ଘରଟିଏ ଆଉ ଗୋଦାମ ଘରଟିଏ ତିଆରି କଲା । ହଁ..ଘର ପାଇଁ ଅବଶ୍ୟ ସେ ବ୍ୟାଙ୍କରୁ ଋଣ ଆଣିଥିଲା । ହେଲେ..ଧୀରେ ଧୀରେ ସେ ଋଣକୁ ପରିଶୋଧ ମଧ୍ୟ କରିଦେଲା ।

ପ୍ରତିବର୍ଷ ସୁଚେତା ତା' ହିତାକାଂକ୍ଷୀଙ୍କ ଘରକୁ ମିଠା ନେଇ ଯାଏ ଶୁଭ ଦୀପାବଳୀ ଅବସରରେ । ସେ ବର୍ଷ ମଧ୍ୟ ସୁଚେତା ମିଠା ନେଇ ଯାଇ ପହଞ୍ଚିଲା ବ୍ୟାଙ୍କ ମ୍ୟାନେଜରଙ୍କ ଘରେ । ସେଦିନ ମ୍ୟାନେଜର ଆଉ ତାଙ୍କ ସ୍ତ୍ରୀଙ୍କର ଅନୁରୋଧ ରକ୍ଷା କରି ସେ ତାଙ୍କ ଘରେ ମଧ୍ୟାହ୍ନ ଭୋଜନ କଲା । ଏମିତି କଥାବାର୍ତ୍ତା ହେଉ ହେଉ ବ୍ୟାଙ୍କ ମ୍ୟାନେଜର ସୁଚେତାକୁ ତା' ସ୍ୱାମୀଙ୍କ ବିଷୟରେ ପଚାରିବାରୁ ସେ ତା' ଅତୀତର ପୃଷ୍ଠା ସବୁକୁ ଖୋଲି ରଖିଦେଲା ବ୍ୟାଙ୍କ ମ୍ୟାନେଜରଙ୍କ ସାମ୍ନାରେ । ସବୁ ଶୁଣି ସେ କହିଲେ,ଆପଣଙ୍କ ସ୍ୱାମୀ ପରା ଜଣେ ବିହେବିହରାଲ ସାଇଣ୍ଟିଷ୍ଟ ? ତେବେ ସେ କେମିତି ସମ୍ପର୍କ ପ୍ରତି ଏତେଟା ନିର୍ବିକାର ହୋଇ ପାରିଲେ ?

ଟିକେ ଦୀର୍ଘଶ୍ୱାସ ନେଇ ସୁଚେତା କହିଲା, 'ହଁ..ଆପଣ ଯାହା କହିଲେ ସତ ! ସେ ହେଉଛନ୍ତି ଜଣେ ବିହେବିହରାଲ ସାଇଣ୍ଟିଷ୍ଟ । ହେଲେ ତାଙ୍କର ସବୁତକ ଜ୍ଞାନ ହେଉଛି କେବଳ ପୁସ୍ତକ ପଢା ଜ୍ଞାନ । ଯଦି ବ୍ୟବହାର ସହିତ ପାଠର କିଛି ସମ୍ପର୍କ ନ ରହିଲା ତେବେ ସେ ପାଠର ମୂଲ୍ୟ କ'ଣ ? ତାହା ତ କେବଳ ପୋଥି ବାଇଗଣ.. ବାଡି ବାଇଗଣ ନୁହେଁ !' ତା'ଛଡା ଆପଣ କ'ଣ ଜାଣି ନାହାନ୍ତି ସ୍ୱାମୀ-ସ୍ତ୍ରୀଙ୍କର ସମ୍ପର୍କ ହେଉଛି ଇଲେକ୍ଟ୍ରିକ ସର୍କିଟ ପରି ! ଯଦି ଠିକ୍ ତାର ଯୋଡି ହେଲା ତେବେ ବର୍ଷ ବର୍ଷ ଧରି ସୁରୁଖୁରେ ଚାଲିଥିବ..ଆଉ ଯଦି ଭୁଲ ତାର ଯୋଡି ହୋଇଯିବ ତେବେ ସର୍ଟ ସର୍କିଟ ହେବାର ଭୟ ରହିବ । ଏହାଶୁଣି ମ୍ୟାନେଜର ବାବୁ ଟିକିଏ ଗମ୍ଭୀର ହୋଇଗଲେ । ସେ ଚୁପ୍ ରହିବା ଦେଖି ସୁଚେତା ପଚାରିଲା, 'ଆପଣ ଚୁପ୍ ହୋଇଗଲେ ଯେ ? କିଛି କହୁ ନାହାନ୍ତି କାହିଁକି ?'

ନୀରବତାକୁ ଭାଙ୍ଗି ମ୍ୟାନେଜର ବାବୁ କହିଲେ, "ନାଁ..କଥା କ'ଣ କି ମୋ ଚାକିରୀ ଭିତରେ ଅନେକ ଥର ଯାଇଛି ଟ୍ରେନିଂରେ । କାରଣ ଆମର ସବୁ ସୋପାନରେ ପ୍ରଶିକ୍ଷଣ ଦିଆଯାଏ ଅଲଗା ଅଲଗା ବିଷୟରେ ..। ପ୍ରତ୍ୟେକ ଥର ବିହେବିହରାଲ ସାଇନ୍ସ ମଧ୍ୟ ପଢାଯାଏ । ସେ ପାଠର ମୂଳ ଉଦ୍ଦେଶ୍ୟ ହେଲା ଉତ୍ତମ ଗ୍ରାହକ ସେବା ଯୋଗାଇ ଦେବା ପାଇଁ । ମୁଁ ଦଶ ବାର ଜଣ ଟ୍ରେନରଙ୍କୁ ଭେଟିଛି । ସେମାନଙ୍କ ଭିତରୁ ତିନି ଜଣଙ୍କୁ ଛାଡିଦେଲେ ଅନ୍ୟମାନେ କେବଳ ପୋଥି ବାଇଗଣ । ପ୍ରଥମେ ଯିଏ ଟ୍ରେନିଂ ଦେବାକୁ ଆସିଥିଲେ ସେ ଆମ ଆଗରେ ଟ୍ୟାକ୍ସି ଭଡା ବାବଦରେ ଡ୍ରାଇଭର ସହିତ ଝଗଡା କଲେ । ଦ୍ୱିତୀୟ ବ୍ୟକ୍ତି କ୍ଲାସରେ ସିଗାରେଟ୍ ଟାଣୁଥିଲେ । ତୃତୀୟ ବ୍ୟକ୍ତିଙ୍କୁ ଜଣେ ସ୍କୁଲ ଶିକ୍ଷକ ଆମେ ଭାବୁ । ଏମିତି ଗୋଟି ଗୋଟି ସେମାନଙ୍କ କଥା କହି ବସିଲେ ଆଜିର ଦିନଟାବି ନିଅଣ୍ଟ ହେବ ।" ହଉ ଛାଡନ୍ତୁ ସେ କଥା । ଆପଣ ଗୋଟିଏ କଥା ସବୁବେଳେ ମନେ ରଖିଥିବେ କି, "ଯାହାକୁ ଲୋକ ନ କହିଲା ଭଲା,ସେ ଜୀଇଁ ଥାଉ ଥାଉ ମଲା" । ସତ୍ ପଥରେ ରହି ପରିଶ୍ରମ କରି ଧନ ଉପାର୍ଜନ କରି ପେଟ ପୋଷିବା ସହିତ ଆମେ ଯଦି ଅନ୍ୟ କିଛି ମହତ କାମ କରିପାରିବା ତେବେ ଯାଇଁ ଆମର ଏ ମଣିଷ ଜନ୍ମ ସାର୍ଥକ ହେବ ।

ମ୍ୟାନେଜରଙ୍କ ଘରୁ କିଛି ସମୟ ପରେ ବିଦାୟ ନେଲା ସୁଚେତା । ହେଲେ.. ମ୍ୟାନେଜରଙ୍କ କଥା ଗଭୀର ରେଖାପାତ କରିଥିଲା ତା' ମନ ଭିତରେ । ସେ ଚାହୁଁଥିଲା ଆଉ କିଛି କରିବା ପାଇଁ.. । ତେଣୁ ଯେତେବେଳେ ବ୍ୟବସାୟ ବଢିବାକୁ ଲାଗିଲା,ସେ ବ୍ୟବସାୟର ସୁପରିଚାଳନା ପାଇଁ ଜଣେ ମ୍ୟାନେଜରଙ୍କୁ ନିଯୁକ୍ତି ଦେଲା । ତା' ପରଠୁ ତାକୁ କିଛି ସମୟ ମିଳିଗଲା । ହେଲେ କ'ଣଟା କରିବ..କ'ଣଟା କରିବ.. ଏମିତି ଭାବୁ ଭାବୁ କିଛି ସ୍ଥିର କରି ପାରୁ ନଥିଲା ସେ ? ଏମିତି କିଛି ଦିନ ବିତିଗଲା । ଭିତରେ ଭିତରେ ତାକୁ ବହୁତ ଅସ୍ଥିର ଲାଗୁଥିଲା । ଦିନେ ଖବରକାଗଜରୁ ଗୋଟିଏ ବିବାହ ବିଚ୍ଛେଦ ଘଟଣା ବିଷୟରେ ପଢିଲା । ପରେ ସେ ମନେ ମନେ ନିଷ୍ପତ୍ତି ନେଲା । ଆଉ ସ୍ଥିର କଲା ଏ ଦିଗରେ କିଛି କାମ କରିବାକୁ । ସେ ନିଜ ଜୀବନକୁ ଆଉ ଜୀବନର ସଂଘର୍ଷକୁ ବିଶ୍ଳେଷଣ କରି ନିର୍ଣ୍ଣୟରେ ପହଞ୍ଚିଲା କି, "ବିବାହ ବିଚ୍ଛେଦ ସବୁ ସ୍ୱାମୀ-ସ୍ତ୍ରୀଙ୍କ ଝଗଡାର ସମାଧାନ ନୁହେଁ । ଯେଉଁ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ଟିକିଏ ବି ବିଶ୍ୱାସ,ପ୍ରେମ,ପରସ୍ପର ପ୍ରତି ଥିବା..ସେଠି ଗୋଟିଏ ସମ୍ପର୍କକୁ ବଞ୍ଚେଇ ହେବ । ଆଉ ଯେଉଁଠି ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଅବିଶ୍ୱାସ, ଘୃଣା, ଅନାଦାର ଥିବ ସେଭଳି ସମ୍ପର୍କରେ ବାନ୍ଧି ହୋଇ ରହିବା ଅପେକ୍ଷା..ଆତ୍ମନିର୍ଭରଶୀଳ ହେବାଟା ଜରୁରୀ ।"

ତେଣୁ ସେ ଗୋଟିଏ ଏନ୍.ଜି.ଓ ଖୋଲିଲା । ସେହି ଏନ୍.ଜି.ଓର କାମ ହେଲା ପ୍ରତି ରବିବାର ଦିନ କାଉନ୍ ସେଲିଂ କରି ଅସଜଡା ସମ୍ପର୍କକୁ ସଜାଡିବା । ଆଜି ପର୍ଯ୍ୟନ୍ତ ସେ ଅନେକ ଅସଜଡା ଘରକୁ ସଜାଡିବାରେ ସକ୍ଷମ ହୋଇ ପାରିଛି । ଆଉ..ଯେଉଁଠି ସମାଧାନର ସୂତ୍ର ମିଳେନି ସେଠି ସେ ମହିଳା ମାନଙ୍କୁ ଆତ୍ମ ନିର୍ଭରଶୀଳ ହେବାର ବାଟ ମଧ୍ୟ ଦେଖାଇଛି । ହେଲେ..ଆଜିର ଘଟଣା ପୁରା ପୁରୋ ଅଲଗା । କାହିଁକିନା ..ଆଜକୁ ତିରିଶ ବର୍ଷ ତଳେ ସେ ଯାହା ଭୋଗିଥିଲା..ଆଜି ଏହି ନିରୀହ ଝିଅଟି ଭୋଗୁଛି ! ସେ ସିନା ସଂଘର୍ଷ କରି ଆଜି ଅନ୍ୟମାନଙ୍କ ପାଇଁ ସାଜିଛି 'ନବ ଦିଗନ୍ତ'..ହେଲେ ଏହି ନୀରିହ ଝିଅଟିକୁ ସେ କ'ଣ ବୁଝାଇବ ? କ'ଣ ସମାଧାନ କରିବ ସେ ଗୋଟିଏ ଭାବହୀନ ସମ୍ପର୍କର..ଯେଉଁଠି ମଣିଷ ଅହରହ ଦିବାରାତ୍ରୀ ଅଣନିଃଶ୍ୱାସୀ ହୋଇ ପଡିଥିବ ଗୋଟିଏ ନିର୍ବିକାର ସମ୍ପର୍କର ଚଉହଦୀ ଭିତରେ..।



*୨୧୭,ୟୁନିଟ-୯(ଫ୍ଲାଟ),ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*
*ମୋ. : ୯୦୯୦୪୫୯୭୪୫*

# ଶୀତ ଓ ଲୁଚକାଳି





ରଶ୍ମୀରଞ୍ଜନ ସାହୁ

ଥିବା ଜୀବନ ଠୁ ନଥିବା ଜୀବନ ଲୁଚକାଳି ଖେଳ ଖେଳୁଛି
ଲୁହ ପିଠିଆ ଖସରା ଦୋଳିରେ ଖରା ଖାଇ ଶୀତ ପିଉଛି
କାଁ ଭାଁ ଟିକେ ଛୁଇଁ ଦେଇ ମୋତେ ଧ ଧ ବୋଲି ଡାକୁଛି
ମୁଁ ଆଲୁରୁବାଲୁରୁ ସାଲୁରୁବାଲୁରୁ ଧଇଁପେଲି ହେଇ ଧାଇଁଛି
ଧେତ୍ ଜୀବନ, ହେତ୍ ଜୀବନ, ହୋରେ ଜୀବନ ଗାଉଛି
ଧଇଁ ପେଲି ହେଇ ଧାଇଁଛି।

ଜୀବନ ମାଲୁଣି ମୁଁ ରାଜା ପୁଅ ଦିନ ରାତି ଖେଳ ଚାଲିଛି
ଭେଣ୍ଡାରୁ ମେଣ୍ଢା ମେଣ୍ଢାରୁ ଭେଣ୍ଡା, ଦରଜ ଖାଲିଯା ବଢୁଛି
ଚବଚବ ହେଇ ପାଣି ଗୋଳି ହୁଏ ପହଁରା କୋଉବା ଆସୁଛି
ମରୁନି ମାଲୁଣି ଖୋଲୁନି ଦରଜା ଟିଗ ହଜି ହଜି ଯାଉଛି
ଧେତ୍ ଜୀବନ, ହେତ୍ ଜୀବନ, ହୋରେ ଜୀବନ ଗାଉଛି
ଧଇଁ ପେଲି ହେଇ ଧାଇଁଛି।

ମାଲୁଣିର ଛାତି ବାସୁଛି, ମୁଁ କଅଁଳା ଛୁଆଟେ ହଉଚି
ମାଲୁଣିକୁ ଲୋଡା ଯବାନ ଜୁଆନ, ଭାଳେଣି ତାକୁବି ପଡିଛି
ପଦୁଅଁ ବନରୁ ମହୁ ଆଣିଦେବି, ମୁଁ ମତାଣିଆ କଥା କହିଛି
ମୁଁ ବି ଜାଣିଛି ସିଏବି ଜାଣିଛି ଛାଡିଦେଲେ ଖେଳ ସରୁଛି
ଧେତ୍ ଜୀବନ, ହେତ୍ ଜୀବନ, ହୋରେ ଜୀବନ ଗାଉଛି
ଧଇଁ ପେଲି ହେଇ ଧାଇଁଛି।

ଆ ଆ ଆ ସିଏବି ଡାକୁଛି ଆ ଆ ଆ ମୁଁ ବି ଡାକୁଛି
ମାଲୁଣି ଜୀବନ ରାଜା ପୁଅ ପାଇଁ ଛାତିକୁ ପତେଇ ଦେଇଛି
ରାଜା ପୁଅ ଆହା ମେଣ୍ଢା ଖୋଳପା ଉଷୁମ ବୋଲିକି ନାଇଚି
ଧେତ୍ ଜୀବନ, ହେତ୍ ଜୀବନ, ହୋରେ ଜୀବନ ଗାଉଛି
ଧଇଁ ପେଲି ହେଇ ଧାଇଁଛି।

ଭୁବନେଶ୍ୱର
ମୋ : ୯୦୯୦୯୫୯୨୯୨


# ପିଲାଙ୍କ ଦୁନିଆ





ପିୟୁ କୁମାର
ଷ୍ଟାଣ୍ଡାର୍ଡ - ୭
ଲୋଖଣ୍ଡୱାଲା ସ୍କୁଲ
କାନ୍ଦିଭିଲ୍ ଇଷ୍ଟ, ମୁମ୍ବାଇ




ପ୍ରଦ୍ୟୁତ ରାଉଳ
ଷ୍ଟାଣ୍ଡାର୍ଡ - ୪
କେମ୍ବ୍ରିଜ୍ ସ୍କୁଲ
ଠାକୁର କମ୍ପ୍ଲେକ୍ସ, ମୁମ୍ବାଇ




# ଅଞ୍ଜୁନା ସି ବିଚ୍, ସଞ୍ଜ ହେଲେ ଗୀଟାରର ଧୂନ୍

ଗୋଆର ସି ବିଚ୍ ମାନଙ୍କ ଭିତରେ ଅଞ୍ଜୁଲା ସି ବିଚ୍ ଟିକେ ସ୍ୱତନ୍ତ୍ର। ଗାଡି ଚାଳକଙ୍କ ସୂଚନା ଅନୁଯାୟୀ, ଅଞ୍ଜୁନା ସି ବିଚ୍ ବୁଲିବାକୁ ହେଲେ ଆମକୁ ବୁଧବାର ଦିନ ହିଁ ଯିବାକୁ ପଡିବ। ଏହାର କାରଣ କ'ଣ ଜାଣିବାକୁ ଚାହଁବାରୁ ସେ ମୋତେ ସୂଚନା ଦେଲେ ଯେ, ପ୍ରତି ବୁଧବାର ଅଞ୍ଜୁନା ବିଚ୍‌ରେ ଏକ ସାପ୍ତାହିକ ହାଟ ଲାଗିଥାଏ। ଆଉ ସେଠାରେ ବିଭିନ୍ନ ରକମର ଜିନିଷ ବିକ୍ରି ହୁଏ। ସବୁଠାରୁ ବଡ କଥା ହେଲା ଏଠାରେ ଗ୍ରାହକମାନେ ମୂଲଚାଲ କରି କିଣି ପାରିବେ। ତା'ପରେ ଆମେ ଏକ ବୁଧବାର ଦେଖି ବାହାରିଲୁ ଅଞ୍ଜୁନା ବିଚ୍ ବୁଲିବା ପାଇଁ। ଏହି ଅଞ୍ଜୁନା ସି ବିଚ୍‌ଟି ପାଣାଜୀ ଠାରୁ ପ୍ରାୟ ୨୧ରୁ ୨୨ କିଲୋମିଟର। ମୋତେ ଯାହା ସେ ସମୟରେ ସୂଚନା ମିଳିଲା ଅଞ୍ଜୁନା ବିଚ୍‌ରେ ଲାଗୁଥିବା ମାର୍କେଟ ପ୍ରତି ବୁଧବାର ସକାଳ ୯ଟା ଠାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ଆମେ ପହଞ୍ଚିବା ବେଳକୁ ସମୟ ପ୍ରାୟ ସାଢ଼େ ତିନିଟା ପାଖାପାଖି ହୋଇଥିଲା। ସେତେବେଳକୁ ଅଞ୍ଜୁନା ମାର୍କେଟ୍‌ରେ ଅନେକ ଗହଳ ଚହଳ ଲାଗିଥିଲା। ଆମେ ନିଷ୍ପତ୍ତି ନେଲୁ ପ୍ରଥମେ ଆମେ ଅଞ୍ଜୁନା ବିଚ୍ ବୁଲିବା ତା'ପରେ ମାର୍କେଟ ଭିତରକୁ ଯିବା। ତେବେ ଅଞ୍ଜୁନା ବିଚ୍ ଦେଖିବାକୁ ଖୁବ୍ ସୁନ୍ଦର। ବିଚ୍ କୂଳରେ ଧାଡି ଧାଡି ନଡିଆ ଗଛ ତା' ସହ ପଥୁରିଆ ସମୁଦ୍ରକୂଳ। ମୋର କାହିଁକି ମନେ ହେଲା ଏମିତି ସି ବିଚ୍ କେବଳ ମୁଁ ସିନେମାରେ ହିଁ ଦେଖିଥଲି। ଏତେ ମନୋମୁଗ୍ଧକର ଦୃଶ୍ୟ ଦେଖିବା ଭିତରେ କିନ୍ତୁ ଆମ ଗାଡି ଚାଳକ ତଥା ଗାଇଡ୍ କାନ ପାଖରେ କେବଳ ମାର୍କେଟ ବିଷୟରେ ହିଁ ଗପି ଚାଲିଥାନ୍ତି। ତାଙ୍କୁ ପଚାରିଲି





'ତମକୁ କ'ଣ ସମୁଦ୍ରକୂଳ ଦେଖିବାକୁ ଭଲ ଲାଗୁନି' ସେ ତା'ପରେ କୌଣସି ଉତ୍ତର ନ ଦେଇ କେବଳ ଚୁପ୍ ରହିଲେ। ମୁଁ ଜାଣି ପାରୁ ନଥାଏ ଏତେ ତରବର କ'ଣ ପାଇଁ। ତେବେ ଏହାରି ଭିତରେ ଆମେ ଅଞ୍ଜୁନା ସମୁଦ୍ରକୂଳ ବୁଲି ସାରିଥିଲୁ। କଫି ମ ଧ ପିଇଥିଲୁ। ଏହାପରେ ଚାଲିଲୁ ମୁଖ୍ୟ ଆକର୍ଷଣ ଅଞ୍ଜୁନାର ସାପ୍ତାହିକ ହାଟ ଭିତରକୁ। ଆଉ ଯେତେବେଳେ ହାଟ ଭିତରେ ପ୍ରବେଶ କଲି ସତରେ ମୁଁ ପୂରା ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ଏମିତି ହାଟ ମୁଁ କେବେ ବି ଦେଖି ନଥିଲି। ମୋ ମନରେ ଥିଲା ଆମ ଓଡ଼ିଶାର ହାଟ ଗୁଡିକର ଚିତ୍ର ହେଲେ ଇୟେତ ହାଯ ନଥିଲା ଥିଲା ମନୋରଞ୍ଜନର ସ୍ଥାନ। ଦେଶୀ ବିଦେଶୀ ବହୁ ପର୍ଯ୍ୟଟକ ଜିନିଷ କିଣାକିଣି କରୁଥିଲେ। କୋଉଠି ଗୀଟାର୍‌ର ଧୂନ୍ ତ ପୁଣି ଆଉ କୋଉଠି କୋଲ୍ଡ ଡ୍ରିଙ୍କ୍ ଆଉ ଆଇସକ୍ରିମ୍‌ର ମଜା। ମିଳୁଥିବା ସାମଗ୍ରୀ ବି ଦେଖିବା ଭଳିଆ। ସତରେ ମୋତେ କାହିଁକି ଲାଗିଲା ଓଡ଼ିଶାରେ ଏମିତି ହାଟଟିଏ ହୁଅନ୍ତା ନି ? ଏମିତି ଭାବୁ ଭାବୁ ମୁଁ ହାଟ ଭିତରେ ଆଗଉଥାଏ। ହାଟରେ ରହିଥାଏ ପୁରୁଷ ଓ ମହିଳା ମାନଙ୍କ ପାଇଁ ରଙ୍ଗ ବେରଙ୍ଗର ପୋଷାକ, ଗହଣା, ମନିପର୍ସ, ଭ୍ୟାନିଟି ବ୍ୟାଗ୍, ଶଙ୍ଖ ମାଳୀ ଏମିତି ଅନେକ କିଛି। ମୁଁ ଦେଖିବାକୁ ପାଇଲି ଅନେକ ବିଦେଶୀ ପର୍ଯ୍ୟଟକ ଦୋକାନରୁ ଦୋକନ ବୁଲି ବିଭିନ୍ନ ଦ୍ରବ୍ୟ କିଣୁଥାନ୍ତି। ଏଠାରେ ଫୁଡ୍ କର୍ଣ୍ଣର ମଧ ରହିଛି ବିଭିନ୍ନ ଚଟପଟା ଖାଦ୍ୟ ଠାରୁ ଆରମ୍ଭ କରି ମ୍ୟୁଜିକ୍ ଓଃ ପରିବେଶ ପୂରା ମନେ ରଖିବା ପରି। ମୁଁ ଅନେକ ସମୟ ହାଟରେ ବୁଲିବା ପରେ କ'ଣ କିଣିବି ବୋଲି ଚିନ୍ତା କରିବା ବେଳକୁ ମୋ ଆଖିରେ ପଡିଲା କାଠ ନିର୍ମିତ ଏକ ହାତୀ। ମୁଁ ସ୍ଥିର କଲି ଏବଂ କିଣିଲି। ଅନେକ ସମୟ ଭିତରେ ବୁଲିବା ଭିତରେ ଗୋଆରେ ପ୍ରାୟ ପ୍ରଚଳିତ ଥିବା ଫୁଲ ପକା ସାର୍ଟ ବି କିଣିଥିଲି ମୋର କିଛି ବନ୍ଧୁ ମାନଙ୍କ ପାଇଁ। ଏହା ଭିତରେ ଏକ ସୁନ୍ଦର ଗୀଟାର ସ୍ୱର ମୋ କାନରେ ପଡିଲା। ମୁଁ ଆପେ ଆପେ ଟାଣି ହୋଇ ଗଲି ସେଇ ଆଡକୁ। ଜଣେ ବ୍ୟକ୍ତି ମାର୍କେଟର ଗୋଟିଏ କୋଣରେ ବସି ଗୀଟାର ଚଳାଉଥିଲେ। ମୁଣ୍ଡରେ ହ୍ୟାଟ୍ ଆଉ ହାତରେ ଗୀଟାର ସ୍ୱର ଥିଲା ପ୍ରସିଦ୍ଧ ହିନ୍ଦି ଚଳଚ୍ଚିତ୍ର 'କଲାକାର୍'ର ସେହି ପ୍ରସିଦ୍ଧ ସ୍ୱର 'ନିଲେ ନିଲେ ଅମ୍ବର ପର...' ହୁଏତ ଏଭଳି ପରିବେଶକୁ ଆପଣ ନିଜେ ଅନୁଭବ ନ କଲେ ମୋର ଅନୁଭୂତି ସମ୍ପର୍କରେ ଜାଣିପାରିବେ ନାହିଁ। ତଥାପି ଆପଣମାନେ କଳ୍ପନା କରନ୍ତୁ। ସମୁଦ୍ରକୂଳ ସୂର୍ଯ୍ୟାସ୍ତର ସମୟ ଗୀଟାରରେ ବଳିଉଡ୍ର ଲୋକପ୍ରିୟ ସ୍ୱର ଆଉ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ଗହଣରେ ଆପଣ ଥିବେ। କ'ଣ ହେବ ଆପଣଙ୍କ ଅନୁଭବ। ମୁଁ ତ ବର୍ଣ୍ଣନା କରି ପାରୁନି କିମ୍ବା ଭୁଲି ବି ପାରୁନି ସେ ଦିନର ଅଞ୍ଜୁନା ସି ବିଚ୍‌ର ଅନୁଭୂତିକୁ। **କ୍ରମଶଃ...**








ଉପସ୍ଥାପନା
ଜାହ୍ନବୀସୁତ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଜ୍ୟପାଳଙ୍କ ସମୀକ୍ଷା ବୈଠକ

**ଖୋରଧା :** ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଡ଼କ୍ଟର ଗଣେଶି ଲାଲ ଖୋରଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ବିଭାଗୀୟ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ଜିଲ୍ଲା ସମାଜ ମଙ୍ଗଳ, ଶିକ୍ଷା, ସର୍ବଶିକ୍ଷା ଅଭିଯାନ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବିଭିନ୍ନ ଯୋଜନା ଗୁଡ଼ିକୁ ରାଜ୍ୟପାଳଙ୍କ ସଚିବ ମଧୁସୂଦନ ପାଢୀ ସମୀକ୍ଷା କରିଥିଲେ। ରାଜ୍ୟପାଳ ଉପସ୍ଥିତ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲାର ବିକାଶରେ ସକ୍ରୀୟ ଭାବରେ ଅଂଶଗ୍ରହଣ କରି ଜିଲ୍ଲାର ପ୍ରଗତିକୁ ଆଗକୁ ଆଗେଇ ନେବା ପାଇଁ ଆନ୍ତରିକତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମିଶ୍ର ଖୋରଧାର ଅତିରିକ୍ତ ଜିଲ୍ଲାପାଳ ମନୋରଂଜନ ମଲ୍ଲିକ,ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଅରୁଣ ବେହେରା ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉକ୍ତ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ବୋଲି ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ରାଜ୍ୟପାଳଙ୍କର ଗ୍ରସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ନିର୍ଦ୍ଧିଷ୍ଟ କେତେକ



ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇଥିବା ବେଳେ ଅନ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଇ ନଥିଲା। ସେ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଆମେ କୌଣସି ଗଣ ମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ନାହୁଁ ବୋଲି ପ୍ରକାଶ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପାତର ଅନ୍ତର ନୀତି ଯୋଗୁଁ ଆଗାମୀ ଦିନରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରାଯିବ ବୋଲି କେତେକ ଗଣମାଧ୍ୟମର ପ୍ରତିନିଧି ପ୍ରକାଶ କରିଛନ୍ତି।

# ଭିତରକନିକା: ବର୍ଷକରେ ବଢ଼ିଛନ୍ତି ୪୪ କୁମ୍ଭୀର

**କେନ୍ଦ୍ରାପଡା :** ବିଶ୍ୱ ପ୍ରସିଦ୍ଧ ଭିତରକନିକାରେ କୁମ୍ଭୀର ଗଣନା ଶେଷ ହୋଇଛି। ଚଳିତବର୍ଷର ଗଣନାରେ ଏଠାରେ ମୋଟ ୧୭୪୨ଟି କୁମ୍ଭୀର ଥିବା ଜଣାପଡ଼ିଛି । ଗତବର୍ଷ ଅପେକ୍ଷା ଚଳିତବର୍ଷ କୁମ୍ଭୀର ସଂଖ୍ୟାରେ ୪୪ଟି ବୃଦ୍ଧି ଘଟିଛି । ଭିତରକନିକା ଭିତରେ କନିକା ରେଞ୍ଜରେ ୧୩୩୭ଟି ଓ ରାଜନଗର ରେଞ୍ଜରେ ୨୯୯ଟି, ଗହୀରମଥା ରେଞ୍ଜରେ ୩୪ଟି ଏବଂ ମହାକାଳପଡ଼ା ରେଞ୍ଜରେ ୭୨ମୋଟ ୧୭୪୨ଟି କୁମ୍ଭୀର ଥିବା ଜଣାପଡ଼ିଛି । ଭିତରକନିକାର ନଦୀନାଳ ଓ ସର୍ବୋପରି ରାଜନଗର ବନଖଣ୍ଡର ୫୩ଟି ନଦୀନାଳରେ ୨୨ଟି ଟିମ୍ ଚଳିତମାସ ୧୦ତାରିଖଠାରୁ ୧୩ତାରିଖ ପର୍ଯ୍ୟନ୍ତ ଭାରତର ବିଶିଷ୍ଟ ପ୍ରାଣୀବିଜ୍ଞାନୀ ତଥା କୁମ୍ଭୀର ବିଶାରଦ ଡଃ ସୁଧାକର କର, ଡଃ ଶିବ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁମ୍ଭୀର ଗଣନା କରାଯାଇଥିଲା । ଚଳିତବର୍ଷ ଛୋଟ (୨ଫୁଟିଆ)-୬୧୯ଟି,



ବର୍ଷକିଆ (୨ରୁ ୩ଫୁଟ)-୩୪୭ଟି, ଜୁଭେନାଇଲ୍ (୩ରୁ ୬ଫୁଟ)- ୨୭୩ଟି, ସବଆଡଲ୍ଟ(୬ରୁ ୮ଫୁଟ)-୧୭୮ଟି, ଆଡଲ୍ଟ(୮ରୁ୧୦ଫୁଟ)-୩୨୫ଟି, (୧୪ ରୁ ୧୬ଫୁଟ)- ୨୧ଟି, (୧୬ ରୁ ୧୮ଫୁଟ)- ୧୩ଟି, (୧୮ ରୁ ୨୦ଫୁଟ)- ୯ଟି ଓ ୨୦ଫଟରୁ ଊର୍ଦ୍ଧ୍ୱ ୪ଟି କୁମ୍ଭୀର ଥିବା ରାଜନଗର ବନଖଣ୍ଡ ଅଧିକାରୀ ବିମଳପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଗତ ବର୍ଷ ଏଠାରେ ୧୬୯୮ଟି ଥିବା ଜଣାପଡ଼ିଥିଲା । ସେହିପରି ୨୦୦୮-୦୯ରେ ୧୫୭୨ଟି, ୨୦୦୯-୧୦ରେ ୧୬୧୦ଟି, ୨୦୧୦-୧୧ରେ ୧୬୫୪ଟି, ୨୦୧୧-୧୨ରେ ୧୬୪୬ଟି,୨୦୧୨-୧୩ରେ ୧୬୪୯ଟି, ୨୦୧୩-୧୪ରେ ୧୬୪୪ଟି, ୨୦୧୪-୧୫ରେ ୧୬୬୫ଟି, ୨୦୧୫-୧୬ରେ ୧୬୭୧ଟି, ୨୦୧୬-୧୭ରେ ୧୬୮୨ଟି କୁମ୍ଭୀର ଗଣନା କରାଯାଇଥିଲା ।

# ଏନ୍‌ଆର୍‌ଏଚ୍‌ଏମ୍‌ରେ ଦୁର୍ନୀତି : ଭିଜିଲାନ୍ସ ତଦନ୍ତ ଦାବି

**ଖୋରଧା :** ସମସ୍ତଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ସୁଫଳ ଜନସାଧାରଣ ପାଇ ପାରୁ ନଥିବା ଜଣାପଡ଼ିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଖୋର୍ଦ୍ଧା ଜିଲ୍ଲା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାକୁ କୋଟି କୋଟି ଟଙ୍କା ଅନୁଦାନ ଆସୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବାଟରେ ହରିଲୁଟ କରି ଚାଲିଛନ୍ତି। ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ନିଯୁକ୍ତି ପାଇଥିବା ଡ଼ାକ୍ତର ଏ.ଏନ.ଏମ୍, ଜି.ଏନ୍.ଏମ୍ ଏବଂ ଫର୍ମାସିଷ୍ଟି ଠିକ୍ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନା କରୁ ନାହାଁନ୍ତି। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲମାନଙ୍କ ପ୍ରାଦୃ ଭାବ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅକର୍ମଣ୍ୟ ପ୍ରମାଣ ପତ୍ର ପ୍ରଦାନରେ ବ୍ୟାପକ ଦୁର୍ନୀତି ହୋଇଛି। ସବୁ କାର୍ଯ୍ୟ ପାଇଁ ସକ୍ଷମ ବ୍ୟକ୍ତିଙ୍କୁ ଅକର୍ମଣ୍ୟ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ଏବଂ ଏଥିପାଇଁ ଏକ ର୍‍ୟାକେଟ କାମ କରୁଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କିଛି କର୍ମଚାରୀ ଓ ବିଭାଗୀୟ ଅଧିକାରୀ ସମ୍ପୃକ୍ତି ଥିବା ନେଇ ମଧ ଅଭିଯୋଗ ହେଉଛି। ଜଣେ ଅନଭିଜ୍ଞ ବ୍ୟକ୍ତିଙ୍କ ହାତରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ଦୁର୍ନୀତି ଚରମ ସୀମାରେ ପହଁଞ୍ଚିଛି। ଠିକ୍ ସେହିପରି ଭାବରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁରକ୍ଷା ଏବଂ ପରିମଳ ଦାୟିତ୍ୱ ଏକ ବେସରକାରୀ ସଂସ୍ଥାକୁ ଦୀର୍ଘ ଦିନ ଧରି ଦାୟିତ୍ୱ ଦିଆଯାଇଥିବାରୁ ସମ୍ପୃକ୍ତ ସଂସ୍ଥା ମିଥ୍ୟା ବିଲ ଦେଇ ଲକ୍ଷ ଲକ୍ଷ ଟଙ୍କା ହରି ଲୁଟ୍ କରି ଚାଲିଛି। ଏ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ସଠିକ୍ ତଥ୍ୟ ଦେଇ ପାରି ନଥିଲେ। ସୁରକ୍ଷା ଏବଂ ସଫେଇ କାର୍ଯ୍ୟ କରିବା ନିମନ୍ତେ ବାରମ୍ବାର ଟେଣ୍ଡରକୁ ହାତେଇ ଥିବା ହାଲକନ୍ ନାମକ ସିକ୍ୟୁରିଟି କିପରି ଟେଣ୍ଡର ପାଇବାକୁ ଯୋଗ୍ୟ ବିବେଚିତ ହେଲା ସେ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଯୋଗାଯୋଗ କରିବାରୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଖୋର୍ଦ୍ଧା ଜିଲ୍ଲା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିଚାଳକ ତଥା ହସ୍‌ପିଟାଲ ମ୍ୟାନେଜର ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଲୁଚକାଳି ଖେଳ ଖେଳିଥିଲେ। ଏବଂ ଟେଣ୍ଡର ପକାଇବାରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାସ ହୋଇଯିବା ଭୟରେ କୌଣସି ତଥ୍ୟ ପ୍ରଦାନ କରି ନଥିଲେ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ସତ୍ୱେ କୌଣସି ତଥ୍ୟ ମିଳି ପାରି ନଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଡ଼ି.ପି.ଏମ୍‌ଙ୍କ ସୂଚନା ଅନୁଯାୟୀ ଫାଲକନ୍ ସିକ୍ୟୁରିଟି ସଂସ୍ଥା ୨୦୧୭ ମସିହାରେ ଟେଣ୍ଡର ପାଇଥିବା ବେଳେ ପୁନର୍ବାର ୨୦୧୮ ମସିହାରେ ଟେଣ୍ଡର ପାଇବାକୁ ସକ୍ଷମ ହୋଇଥିଲା। ସୂଚନା ଅନୁସାରେ ଫାଲକନ୍ ସିକ୍ୟୁରିଟି ସଂସ୍ଥା ସମୁଦାୟ ୨୪ ଜଣ ସଫେଇ କର୍ମଚାରୀଙ୍କୁ ସଫେଇ କାର୍ଯ୍ୟରେ ନିୟୋଜିତ କରିଥିବା ବେଳେ ସୁରକ୍ଷା ଦାୟିତ୍ୱରେ ୧୫ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିଛି। ସଫେଇ କର୍ମଚାରୀଙ୍କ ପ୍ରାପ୍ୟ ବାବଦକୁ ପ୍ରାୟ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ନେଉଥିବା ବେଳେ ସୁରକ୍ଷା କର୍ମୀଙ୍କ ଦରମା ବାବଦକୁ ୧ଲକ୍ଷ ୫୦ ହଜାର ଟଙ୍କା ନେଉଛି। ବିଶେଷ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଉକ୍ତ ସିକ୍ୟୁରିଟି ସଂସ୍ଥା ନିୟୋଜିତ କରିଥିବା କର୍ମଚାରୀମାନଙ୍କୁ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ସର୍ବ ନିମ୍ନ ମଜୁରି ପ୍ରଦାନ କରୁ ନାହିଁ ଏପରିକି ଇ.ପି.ଏଫ୍ ଏବଂ ଇ.ଏସ୍.ଆଇ. ବାବଦକୁ ଦରମାରୁ କାଟି ରଖୁଥିବା ଟଙ୍କା ପଇଠ କରାଯାଉ ନାହିଁ ବୋଲି କେତେକ କର୍ମଚାରୀ ନିଜ ନାମ ଗୋପନ ରଖି ଗଣମାଧ୍ୟମର ପ୍ରତିନିଧିମାନଙ୍କ ଆଗରେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ରାଜ୍ୟ ଶ୍ରମ ବିଭାଗ ଦୃଷ୍ଟି ଦେବା ସହ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ପୁଙ୍ଖାନୁ ପୁଙ୍ଖ ଭାବରେ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି।





**ଭୁବନେଶ୍ୱର :** ଚଳିତ ବର୍ଷ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବକୁ ଉଦ୍‌ଘାଟନ କରି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ, ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତବର୍ଷରେ ଥିବା ଶାସ୍ତ୍ରୀୟ ତଥା ପାରମ୍ପରିକ ସଙ୍ଗୀତକୁ ଗୋଟିଏ ମଞ୍ଚରେ ପ୍ରଦର୍ଶନ କରାଇ ଆଗାମୀ ପିଢ଼ିର କଳାକାରମାନଙ୍କୁ ଆମର ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ରୁଚି ବଢ଼ାଇବା। ଏଥିରେ ବିଭାଗୀୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

କଳାହାଣ୍ଡି ଉତ୍ସବ-୨୦୧୯ ଅବସରରେ ଜିଲ୍ଲା ଓ ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ପ୍ରଦୀପ୍ତ କୁମାର ନାଏକ
ପୂର୍ବତନ ମନ୍ତ୍ରୀ, ଓଡ଼ିଶା

## ଜରାଶ୍ରମରେ ଜୀବନ;ବାପା-ମା'ଙ୍କୁ ଭୁଲିଗଲେ ପିଲାମାନେ

# ଅସହାୟଙ୍କୁ ସହାୟତା ଦେଲେ ସ୍ୱେଚ୍ଛାସେବୀ

**ଢେଙ୍କାନାଳ :** ଅଲୋଡା ହେଇଯାଉଛନ୍ତି ବାପା-ମା'। ଜୀବନ ଶେଷ ପାହାଚରେ ଏମାନଙ୍କୁ ନିଜ ପାଖରେ ରଖିବାକୁ ପସନ୍ଦ କରୁନି ପରିବାର। ଯେଉଁଥିପାଇଁ ପରିବାରରେ ରହିବା ବଦଳରେ ସେମାନେ ଜରାଶ୍ରମରେ ରହିବାକୁ ବାଧ୍ୟ ହେଉଛନ୍ତି। ଏନ୍ତୁଡିଶାଳରୁ ଆଣି ନିଜର ରକ୍ତକୁ ଝାଳ କରି ଯେଉଁ ପିଲାମାନଙ୍କୁ ବଡ ମଣିଷ କରିଥାନ୍ତି ସେମାନେ ବୃଦ୍ଧ ବାପା-ମା'ଙ୍କ ପାଇଁ ସାହାରା ପାଲଟିବା ପରିବର୍ତ୍ତେ ନିଜ ପାଇଁ ବୋଝ ଭାବି ପାଖରୁ ଦୂରେଇ ଦେଉଛନ୍ତି। ବାର୍ଦ୍ଧକ୍ୟ ବେଳେ ହସଖୁସିରେ ପରିବାର ସହିତ ଜୀବନ ବିତାଇବାକୁ ସ୍ୱପ୍ନ ଦେଖିଥିବା କିଛି ବାପା-ମା'ଙ୍କ ସ୍ୱପ୍ନ ଧୂଳିସାତ୍ ହେଇଯାଉଛି। ଛୁଆଙ୍କ ସହିତ ନୁହେଁ ବରଂ ଜରା ନିବାସରେ ବିତୁଛି ଜୀବନ।



ତେବେ ଢେଙ୍କାନାଳ ଜିଲ୍ଲା କଇମାଟି ଅଞ୍ଚଳରେ ରହିଛି ଏମିତି ଏକ ବୃଦ୍ଧାଶ୍ରମ। ଯେଉଁଠି ବୃଦ୍ଧ ଓ ବୃଦ୍ଧାଙ୍କୁ ମିଶାଇ ୧୦ଜଣ ଅନ୍ତେବାସୀ ରହୁଛନ୍ତି। ନିଜ ପରିବାରରୁ ଅଲୋଡା ହୋଇ ଏଠାରେ ସେମାନେ ଦୁଃଖ ଓ ଅବସୋସ ମଧ୍ୟରେ କାଳାତିପାତ କରୁଛନ୍ତି। ଯେଉଁ ସନ୍ତାନମାନେ ତାଙ୍କୁ ପର କରିଦେଇଛନ୍ତି ସେମାନଙ୍କୁ ନା' ଦେଇପାରୁଛନ୍ତି ଦୋଷ ନା' ଅଭିଶାପ। ନିଜ ଭାଗ୍ୟକୁ ଆଦରି ଜରାଶ୍ରମ ପକ୍ଷରୁ ମିଳୁଥିବା ଖାଦ୍ୟ, ବସ୍ତ୍ର ଓ ସ୍ୱାସ୍ଥ୍ୟସେବାକୁ ନେଇ ସନ୍ତୁଷ୍ଟ ରହିବା ସହିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ନିଜ ପୁଅ,ବୋହୂ ଓ ନାତିନାତୁଣୀଙ୍କ ସୁଦୀର୍ଘ ନିରାମୟ ଜୀବନ କାମନା କରିବା ସତରେ ବିସ୍ମୟ। ଯାହା ଜଣାପଡିଛି ଏଠାରେ ରହୁଥିବା ଅନ୍ତେବାସୀମାନଙ୍କ ପିଲାମାନେ କେହି ଅକ୍ଷମ ବା ବେରୋଜଗାର ନୁହଁନ୍ତି। ହେଲେ ନିଜ ବାପା-ମା' ସେମାନଙ୍କ ପାଇଁ ବୋଝ ବୋଲି ଭାବି ନେଇ ସ୍ୱାର୍ଥପର ଭାବେ ତାଙ୍କୁ ଆଣି ଏଠାରେ ଛାଡିଦେଇ ଚାଲି ଯାଇଛନ୍ତି। କେବେ କେବେ ମନେ ପଡିଲେ ଜରାଶ୍ରମକୁ ଫୋନ୍ କରି ଭଲମନ୍ଦ ବୁଝି ଦିଅନ୍ତି ସିନା କିନ୍ତୁ ବାପା-ମା'ଙ୍କୁ ଘରକୁ ଫେରାଇ ନେବା ପାଇଁ ଅଳି କରନ୍ତି ନାହିଁ। ସଭ୍ୟ ଶିକ୍ଷିତ ସମାଜରେ ଏଭଳି ଅନେକ ଘଟଣା ସମସ୍ତଙ୍କୁ ବ୍ୟଥିତ କରୁଥିଲା ବେଳେ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ କେହି ସ୍ୱର ଉତ୍ତୋଳନ ନ କରିବା ସମାଜ ବ୍ୟବସ୍ଥା ପ୍ରତି ଏକ ଶକ୍ତ ଆଘାତ ହୋଇଥିଲା ବେଳେ ଏମାନଙ୍କୁ ହାତ ବଢ଼ାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପହଞ୍ଚିଥାନ୍ତି। ମକର ସଂକ୍ରାନ୍ତି ଅବସରରେ 'ଜୟ ଜଗନ୍ନାଥ ଗ୍ରୁପ୍', ଓଡ଼ିଶା ପକ୍ଷରୁ ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ଓ ମଧ୍ୟାହ୍ନ ଭୋଜନ ଦିଆଯାଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଶିବ ଶଙ୍କର ଦାସଙ୍କ ସହ ସଭାପତି, ସଦସ୍ୟ, ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଭିତରେ ରଞ୍ଜନ କୁମାର ସାହୁ, ଗିରିଷ ସାହୁ, ମନୋଜ କୁମାର ସାହୁ, ରଶ୍ମିରଞ୍ଜନ ପଣ୍ଡା, ଅକ୍ଷୟ ବେହେରା, ବିରେନ୍ଦ୍ର ବେହେରା, ବବିତା ଦାଶ, ରତ୍ନପ୍ରଭା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ଜରାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

## କୁଶଭଦ୍ରା ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ

# ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବାଲିପାଟଣା :** ଶୃଙ୍ଖଳା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଅଳଙ୍କାର, କେବଳ ବିଦ୍ୟା ଥାଇ ଜୀବନରେ ଶୃଙ୍ଖଳା ନଥିଲେ ଜଣେ ଭଲ ମଣିଷ ହୋଇପାରିବ ନାହିଁ ବୋଲି ବନମାଳୀପୁର ସ୍ଥିତ କୁଶଭଦ୍ରା ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଏବଂ ଏହି ବିଦ୍ୟାଳୟର ପ୍ରତିଷ୍ଠାତା ଭ୍ରମରବର ଜେଠୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଥିଲେ ରାଜ୍ୟ ଅର୍ଥ, ଅବକାରୀ, କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଶଶୀଭୂଷଣ ବେହେରା। ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ସୁସଂଗଠକ ଭାଗିରଥୀ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପରିଷଦ ଉପାଧକ୍ଷା ସୁମିତ୍ରା ରାଉତରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଣୁଧର ପାତ୍ର, ଲକ୍ଷ୍ମଣ ମଣ୍ଡଳ, ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସରପଞ୍ଚ ପ୍ରିୟମ୍ବଦା ପାତ୍ର, ସ୍ୱର୍ଗତ ଜେଠୀଙ୍କୁ ସୁପୁତ୍ର ଗୁରୁକିଙ୍କର ଜେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ଶିକ୍ଷକ ରଘୁନାଥ ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହିତ ଅତିଥି



ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବ ଅବସରରେ ୧୯୭୩ ମସିହା ସ୍କୁଲ ପ୍ରତିଷ୍ଠାତାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀ ବେହେରାଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ସ୍ୱର୍ଗତ ଭ୍ରମରବର ଜେଠୀଙ୍କ ପ୍ରତିମୂର୍ତ୍ତିକୁ ଲୋକାର୍ପିତ କରାଯାଇଥିଲା। ଉତ୍ସବ ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଜେଠୀଙ୍କ ମହନୀୟ କାର୍ଯ୍ୟ ଏବଂ ଦୂରଦୃଷ୍ଟି ଯୋଗୁଁ ଏହି ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏଭଳି ଏକ ଆଦର୍ଶ ବିଦ୍ୟାଳୟ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା।

# 'ଶିଶୁଙ୍କ ପ୍ରତିଭା ବିକାଶ କ୍ଷେତ୍ରରେ ପିତାମାତାଙ୍କ ଗୁରୁଦାୟିତ୍ୱ ରହିଛି'



**ବାଲେଶ୍ୱର :** ପ୍ରତ୍ୟେକ ଶିଶୁଙ୍କ ଭିତରେ ଅନେକ ପ୍ରତିଭା ଲୁକ୍କାୟିତ ଅବସ୍ଥାରେ ରହିଛି। ତେଣୁ ଛାତ୍ରାବସ୍ଥାରେ ଏହାର ବିକାଶ ପ୍ରତି ପିତାମାତା ଅଧିକ ଧ୍ୟାନ ଦେଲେ ପିଲାମାନେ ଉଚ୍ଚତର ସୋପାନରେ ପହଞ୍ଚିବା ସହିତ ପରିବାର ତଥା ଦେଶ ପାଇଁ ଅନେକ କିଛି କରିପାରିବେ ବୋଲି ମଞ୍ଜୁରୀ ରୋଡ ସ୍ଥିତ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ଏହା କହିଥିଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର କାର୍ତ୍ତିକେୟ ପଣ୍ଡା। ଶିକ୍ଷାନୁଷ୍ଠାନର ପ୍ରଧାନାଚାର୍ଯ୍ୟ ତପନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପଣ୍ଡା ଯୋଗ ଦେଇଥିବା ବେଳେ ରାଜ୍ୟ ସଚିବାଳୟରେ ସହସଚିବ ଭାବେ କାର୍ଯ୍ୟ କରୁଥିବା ମାନସ ରଞ୍ଜନ ସାମଲ ମୁଖ୍ୟ ବକ୍ତା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରାଧେଶ୍ୟାମ ସାହୁ, ସମ୍ପାଦକ ଚିନ୍ତାମଣୀ ମହାକୁଡ, ବିଦ୍ୟୁତ୍ ପରିଷଦ ସମ୍ପାଦକ ବନମାଳୀ ପଣ୍ଡା, ସଭ୍ୟ ଡକ୍ଟର ଶଶଧର ସାହୁ, ରାଜେନ୍ଦ୍ର ପ୍ରସାଦ ସାହୁ, ସହ ସଂଯୋଜକ ଇନ୍ଦୁମତି ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ଅତଥିମାନେ ମୂଲ୍ୟବୋଧ ଶିକ୍ଷା କ୍ଷେତ୍ରରେ ଶିଶୁ ମନ୍ଦିରର ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ତନ୍ମୟ କୁମାର ନାୟକଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସଂଯୋଜନାରେ ଅନ୍ୟାନ୍ୟ ଶୈକ୍ଷିକ ଓ ସହଶୈକ୍ଷିକ ପୁରସ୍କାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଗୁରୁମା ଜୟନ୍ତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ମଧୁସୁଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶୁଭଲକ୍ଷ୍ମୀ ସେନାପତି, ପୁଷ୍ପିତା ନାଥ, କସ୍ତୁରିକା ପାଣି, ସ୍ୱର୍ଣ୍ଣପ୍ରଭା କର, ମିନତୀ ଦଳାଇ, ମମତା ମହାପାତ୍ର, ଦୀପାଳି ସାହୁ, ଲିପ୍‌ସିତା ପଣ୍ଡା, ନିବେଦିତା ସାହାଣୀ ଓ ରଞ୍ଜୁଲତା ବାରିକ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଦେବାଶିଷ ମହାପାତ୍ର, ନିରାକାର ମାଝୀ, ହୃଷିକେଶ ବାରିକ, ସୁଶାନ୍ତ ପଢ଼ୀ ଏବଂ ରଣଜିତ୍ ସାହୁ।





ଭୁବନେଶ୍ୱର : ଆମେ ଓଡ଼ିଆ ପକ୍ଷରୁ ମକର ମିଳନ ଅବସରରେ ବିଶିଷ୍ଟ ଲେଖକ ରବିନାରାୟଣ ସେନାପତିଙ୍କ ପୁସ୍ତକ 'ନୀଳ ନୀଳ ବିସ୍ମୟ' ଲୋକାର୍ପିତ ହୋଇଯାଇଛି।



**ଭୁବନେଶ୍ୱର :** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୭୩ନଂ ଖୁଆଡ଼ରେ ଥିବା ଏକ ଏମୁ ପକ୍ଷୀର ୨ଟି ଅଣ୍ଡାରୁ ଛୁଆ ଫୁଟିଛି। ଗତ ଗୁରୁବାର ସଂଧ୍ୟାରେ ଗୋଟିଏ ଓ ଶୁକ୍ରବାର ମଧ୍ୟାହ୍ନରେ ଆଉ ଗୋଟିଏ ଛୁଆ ଫୁଟିଥିବା ଜଣାପଡ଼ିଛି। ଉଭୟ ମା' ଓ ଛୁଆ ସୁସ୍ଥ ରହିଥିବା ପ୍ରାଣୀ ଚିକିତ୍ସକମାନେ କହିଛନ୍ତି।




ପେନ୍ ଇନ୍ ବୁକ୍ସ ପ୍ରକାଶିତ କବି ରକ୍ଷକ ନାୟକଙ୍କ କବିତା ସଙ୍କଳନ 'ଶେଷହୀନ ସନ୍ତରଣ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ରାଜଭବନରେ ଉନ୍ମୋଚିତ।




PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ — ସମ୍ପାଦକ : ତାରକ ମହାନ୍ତି